visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.185 Bhubaneswar Tuesday, September 07, 2021 | ୨୪ତମ ବର୍ଷ ସଂଖ୍ୟା–୧୮୫ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS





ମୁମ୍ବାଇଠାରେ ପୋଷଣ ସଚେତନତା ଅଭିଯାନ 'ପୋଷଣ ମା'କାର୍ଯ୍ୟକ୍ରମରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଆବାସ ନକବି ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ତଥା ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନି ଉପସ୍ଥିତ

## ଗୋଟିଏ ଦିନରେ ୬୦୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୦୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୨୧୬୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୨୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୭୦୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୯୯୬ ରହିଛି। ଆଜି ଚିହ୍ନଟ ହୋଇଥିବା ୬୦୯ ଜଣଙ୍କ ମଧ୍ୟରୁ ୩୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୮୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୧ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୧୩, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଞ୍ଜାମରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୩୧ ଜଣ, ଝାରସୁଗୁଡ଼ାରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୧୩ ଜଣ, କେନ୍ଦୁଝରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୧୮୮ ଜଣ, କୋରାପୁଟରୁ ୬, ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୨୧ ଜଣ, ନବରଙ୍ଗପୁରରୁ ୫, ନୟାଗଡ଼ରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାଜ୍ୟରେ ବଢୁଛି ଅପରାଧିକ ମାମଲା

ଭୁବନେଶ୍ୱର, ୬।୯(ପି.ଏନ): ରାଜ୍ୟରେ ଆପରାଧିକ ମାମଲା ବଢୁଛି। ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନର ଉତରରେ ଏହା ସ୍ପଷ୍ଟ ହୋଇଛି। ବିଧାୟକ ଗଣେଶ ରାମ ସିଂ ଖୁଂଟିଆଙ୍କ ପ୍ରଶ୍ନର ଉତରରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ - ୨୦୧୯ ରେ ୧ ଲକ୍ଷ ୨୧ ହଜାର ୫୨୫ ହଜାର ପଞ୍ଜିକୃତ ହୋଇଥିବା ବେଳେ ୨୦୨୦ ରେ ୧ ଲକ୍ଷ ୩୪ ହଜାର ୨୪୩ ମାମଲା ପଞ୍ଜିକୃତ ହୋଇଛି।

### ୨୦୨୧ ଅଗଷ୍ଟ ସୁଦ୍ଧା କୋଭିଡ ପାଇଁ ଖର୍ଚ୍ଚ ହୋଇଛି୧ ହଜାର ୪୦ କୋଟି ଟଙ୍କା

ଭୁବନେଶ୍ୱର, ୬।୯(ପି.ଏନ): ୨୦୨୧ ଅଗଷ୍ଟ ସୁଦ୍ଧା କୋଭିଡ ପାଇଁ ୧ ହଜାର ୪୦ କୋଟି ୧୯ ଲକ୍ଷ ୨୭ ହଜାର ୬୦୫ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ୩୮ କୋଟି ୮୬ ଲକ୍ଷ ଟଙ୍କା ସହାୟତା କେନ୍ଦ୍ର ସରକାର ଦେଇଛନ୍ତି। ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନର ଉତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଏହି ସୂଚନା ଦେଇଛନ୍ତି।

### ବିଧାନସଭାରେ ମ୍ୟୁନିସିପାଲ ଆଇନ୍ ସଂଶୋଧନ ବିଲ୍ ଆଗତ

ଭୁବନେଶ୍ୱର, ୬।୯(ପି.ଏନ): ବିଧାନସଭାରେ ଓଡିଶା ପୌର ଆଇନ ସଂଶୋଧନ ବିଲ ଆଗତ ହୋଇଛି। ମନ୍ତ୍ରୀ ପ୍ରତାପ ଜେନା ସୋମବାର ଅପରାହ୍ନରେ ଏହି ବିଲ୍ ଉପସ୍ଥାପନ କରିଥିଲେ। ସଂଶୋଧନ ବିଲରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ। ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ।

### ରାଜ୍ୟରେ ସଂକ୍ରମଣ ସ୍ଥିର ଅଛି : ଡିଏମଇଟି

ଭୁବନେଶ୍ୱର : ରାଜ୍ୟର କିଛି ଜିଲ୍ଲାରେ ଯେଉଁ କରୋନା ସଂଖ୍ୟା ବଢୁଛି ଓ କମୁଛି, ତାହା ସାରା ବିଶ୍ୱରେ ହେଉଛି। ତେଣୁ ସବୁ ସ୍ଥିର ଅଛି। ସାମାନ୍ୟ ବଢୁଛି ବୋଲି ଗୋଟିଏ ରେଡ ଜୋନ ହେଲା। ରେଡ଼ ଜୋନ ଜାଣିଲେ ତ ଅଧିକ କାମ କରିବାକୁ ହେବ।

## ଥାନା ଓ ଫାଣ୍ଡି ଖୋଲିବା ସମ୍ପର୍କରେ ଅଗ୍ରଗତି ନ ହେବା ନେଇ ଗୃହରେ ବିଧାୟକମାନଙ୍କ ଉଦବେଗ

ଭୁବନେଶ୍ୱର, ୬।୯(ପି.ଏନ): ଗତ ଅଧିବେଶନରେ ରାଜ୍ୟରେ ନୂଆ ଥାନା ଓ ଫାଣ୍ଡି ଖୋଲିବା ନେଇ ବିଧାୟକ ମାନଙ୍କ ଠାରୁ ପରାମର୍ଶ ନେଇ କାମ କରିବାକୁ ରାଜ୍ୟ ଗୃହ ମନ୍ତ୍ରୀଙ୍କୁ ବାଚସ୍ପତି ଗୃହରେ ନିର୍ଦ୍ଦେଶ ଦେଇଥିବା ସତ୍ୱେ ଏ ନେଇ କୌଣସି ଅଗ୍ରଗତି ହୋଇ ନାହିଁ। ଏହାକୁ ନେଇ ଆଜି ଗୃହରେ ଉଦବେଗ ପ୍ରକାଶ ପାଇଛି। ୪୦ରୁ ଉର୍ଧ ବିଧାୟକ ସେମାନଙ୍କ ଅଂଚଳରେ ନୂତନ ଥାନା ଓ ଫାଣ୍ଡି ଖୋଲିବା ପାଇଁ ପରାମର୍ଶ ଦେଇଥିବା କାରଣରୁ ବିଧାୟକ ମାନଙ୍କ ଉଦବେଗକୁ ଆଖି ଆଗରେ ରଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରୁଲିଂ ଦେଇଛନ୍ତି। ସେ ପୁଲିସ ଡିଜି, ଡିଆଇଜି କ୍ରାଇମବ୍ରାଞ୍ଚ ଓ ଗୃହ ସଚିବଙ୍କୁ ଡାକି ଆଲୋଚନା କରିବାକୁ ସେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ପ୍ରଶ୍ନକାଳ ସରିବା ପରେ ବୈଠକ ଡାକି ଆଲୋଚନା କରିବାକୁ କହିଛନ୍ତି। ଏ ନେଇ ଗୃହରେ ଏକ ବିବୃତି ରଖନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି।ଆଜି ପ୍ରଶ୍ନୋତର କାର୍ଯ୍ୟକ୍ରମ ବେଳେ ଏ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ବେଳେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଛନ୍ତି ଯେ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ରୁଲିଂକୁ ସରକାର ମାନୁ ନାହାନ୍ତି। ନୂତନ ଥାନା ଓ ଫାଣ୍ଡି ସ୍ଥାପନା ପାଇଁ ଅନେକ ବିଧାୟକ ପ୍ରସ୍ତାବ ଦେଇଥିଲେ। ବାଚସ୍ପତ ଏ ସମ୍ପର୍କରେ ଙ୍କ ରୁଲି ଦେଇଥିଲେ। ବିଧାୟକ ମାନେ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହା ସତ୍ୱେ ଏହା କାର୍ଯ୍ୟକାରୀ ହେଉ ନାହିଁ। ସରକାର ଏବେ ବି ଉତର ଦେଉଛନ୍ତି ଯେ ପ୍ରସ୍ତାବ ବିଚାରାଧୀନ ରହିଛି। କେତେ ଦିନ ଧରି ପ୍ରସ୍ତାବ ବିଚାରାଧୀନ ଥିବ। ତେବେ ବିଚାର କରି ସରିବା ଯାଏ ଗୃହକୁ ବନ୍ଦ କରିଦିଆ ଯାଉ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର। ଶ୍ରୀ ମିଶ୍ରଙ୍କ ସମେତ ଅନେକ ବିଧାୟକ ଏ ସମ୍ପର୍କରେ ଉଦବେଗ ପ୍ରକାଶ କରିବା ପରେ ବାଚସ୍ପତି ଏ ସମ୍ପର୍କରେ ରୁଲିଂ ଦେଇଛନ୍ତି।

## ରାଜ୍ୟରେ ଦିଆଗଲାଣି ୨ କୋଟି ୩୬ ଲକ୍ଷ ଡୋଜ ଟିକା

ଭୁବନେଶ୍ୱର, ୬।୯(ପି.ଏନ): ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା ଟିକାର ୨ କୋଟି ୩୬ ଲକ୍ଷ ଡୋଜ ଦିଆସରିଛି। ୧ କୋଟି ୭୮ ଲକ୍ଷ ପ୍ରଥମ ଡୋଜ ନେଇଛନ୍ତି। ୫୮ ଲକ୍ଷ ଲୋକ ଦ୍ୱିତୀୟ ଡୋଜ ନେଇଛନ୍ତି। ୫୭ ପ୍ରତିଶତ ଟିକାକରଣ ସରିଛି। ବାକି ଥିବା ଡୋଜର ୭୦ ପ୍ରତିଶତ ସରିଛି। ଏ ଯାଏ ୧ ଲକ୍ଷ୧୪ ହଜାର ଗର୍ଭବତୀଙ୍କୁ ଟୀକା ଦିଆ ହୋଇଛି। କିଛି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି।ସେ କହିଛନ୍ତି ରାଜ୍ୟରେ ପାଖାପାଖି ୩୩ ଲକ୍ଷ ଟିକା ମହଜୁଦ ଅଛି। ଏଥିମଧ୍ୟରୁ ୩୧ ଲକ୍ଷ ୫୯ ହଜାର ୨୬୦ କୋଭିସିଲଡ ଓ ୨ ଲକ୍ଷ ୬୫ ହଜାର ୫୨୦ କୋଭାକ୍ସିନ ଟିକା ଅଛି। ନିୟମିତ ଭାବେ ଟିକା ଆସୁଛି ଓ ଟିକାକରଣ ଚାଲିଛି। କେନ୍ଦ୍ର ସରକାର ଚିଠି ଦେଇଥିଲେ 'ହୁ'ର ଦକ୍ଷିଣ ପୂର୍ବ ଓ ଆଫ୍ରିକା ଦେଶରେ ନକଲି କୋଭିସିଲଡ ଅଛି। ତେଣୁ ସେମାନେ ସବୁ ଦେଶକୁ ସତର୍କ କରିଥିଲେ। ଏ ଯାଏ ଓଡ଼ିଶାରେ ନକଲି ଟିକା ଦୃଷ୍ଟିକୁ ଆସି ନାହିଁ। ସେ ଆହୁରି ମଧ କହିଛନ୍ତି, ଟିକା ନେବାର ଆଗ୍ରହ ଲୋକଙ୍କ ଭିତରେ ଅଛି, ହେଲେ ଟିକାକରଣ କେନ୍ଦ୍ରରେ ଗହଳି ନ କରି ଠିକ ସମୟରେ ଆସନ୍ତୁ। ରାତି ତମାମ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। କିଛି ସ୍ଥାନରେ ଗହଳି ନିୟନ୍ତ୍ରଣ କରିବାକୁ ଟୋକନ ବ୍ୟବସ୍ଥା ହୋଇଛି। ହେଲେ ସେଠାରେ ବି ଗହଳି ଦେଖିବାକୁ ମିଳୁଛି। ଭୁବନେଶ୍ୱରରେ ୧୭ ଲକ୍ଷ ଡୋଜ ଟାର୍ଗେଟ ଥିଲା। ବାହାର ଲୋକ ଏଠାରେ ଆସିବାରୁ ୨୨ ଲକ୍ଷ ଟିକାକରଣ ହୋଇଛି। ହେଲେ ଭୁବନେଶ୍ୱରର ଟିକାକରଣ ଟାର୍ଗେଟ ହାସଲ କରାଯାଇଛି।

## ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୬।୯(ପି.ଏନ): ଉତ୍ତର ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତରପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଓଡ଼ିଶା ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ୭.୬ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଆସନ୍ତା ୨–୩ ଦିନ ମଧ୍ୟରେ ଏହା ପଶ୍ଚିମ- ଉତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି।ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧରେ ସମଗ୍ର ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି ଯେ ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ନବରଙ୍ଗପୁର, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।ସେହିପରି ୭ ତାରିଖ ଠାରୁ ୮ ତାରିଖ ମଧ୍ୟରେ ନୂଆପଡା, ନବରଙ୍ଗପୁର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ଉତର ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା- ଉତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତୀ ପଶ୍ଚିମ-କେନ୍ଦ୍ରୀୟ ଉପକୂଳରେ ଲଘୁଚାପ ପ୍ରଭାବରେ, ବଙ୍ଗୋପସାଗରର ଉତର ଉପକୂଳରେ ଘଂଟାପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ।

## ଜଗନ୍ନାଥ ବିଦ୍ୟାଧର ମହାପାତ୍ର ହେଲେ ସିବିଡିଟିର ଅଧକ୍ଷ



ନୂଆଦିଲ୍ଲୀ, ୬।୯(ପି.ଏନ):କେନ୍ଦ୍ରୀୟ ପ୍ରତ୍ୟକ୍ଷ କର (ସିବିଡିଟି)ର ଅଧକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି ୧୯୮୫ ମସିହା ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଶ୍ରୀ ଜଗନ୍ନାଥ ବିଦ୍ୟାଧର ମହାପାତ୍ର। ଦୀର୍ଘଦିନ ହେବ ଶ୍ରୀଯୁକ୍ତ ବିଦ୍ୟାଧର ମହାପାତ୍ର ସିବିଡିଟିର ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ଦାୟାଦ ତଥା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଓଡ଼ିଶାର ଲଢୁଆ ଯୁବନେତା ସ୍ୱର୍ଗତ ଲୁଲୁ ମହାପାତ୍ର ଏବଂ ବର୍ତ୍ତମାନର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ବଡ଼ଭାଇ। ତାଙ୍କର ଏହି ପଦୋନ୍ନତିରେ ସମଗ୍ର ଓଡ଼ିଶାରେ ଏକ ଖୁସିର ବାତାବରଣ ସୃଷ୍ଟି ହୋଇଛି।

## ଭୁବନେଶ୍ୱରରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ : ରାଜ୍ୟର ଜଳ ବିବାଦର ସମାଧାନ ଖୁବ ଶୀଘ୍ର

ଭୁବନେଶ୍ୱର, ୬।୯(ପି.ଏନ):ଖୁବ୍ ଶୀଘ୍ର ଓଡ଼ିଶାର ସମସ୍ତ ଜଳ ବିବାଦର ସମାଧାନ ହେବ। ଟ୍ରିବ୍ୟୁନାଲରେ ଥିବା ସମସ୍ତ ମାମଲାକୁ ଅନୁଧ୍ୟାନ କରାଯାଉଛି। ଆଶା କରାଯାଉଛି, ଖୁବ ଶୀଘ୍ର ଓଡ଼ିଶାର ସମସ୍ତ ନଦୀର ଜଳ ବିବାଦର ସମାଧାନ ହୋଇଯିବ। ଆଦିବାସୀ ବିଭାଗ ପାଇଁ ଅନେକ ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାର ରାଜ୍ୟବାସୀଙ୍କ ପାଇଁ ଯେଉଁ ଅର୍ଥ ପଠାଉଛନ୍ତି, ତାହାକୁ କାର୍ଯ୍ୟକାରୀ କରିବା ରାଜ୍ୟ ସରକାରଙ୍କର ଦାୟିତ୍ୱ ବୋଲି ବୋଲି କେନ୍ଦ୍ର ଆଦିବାସୀ ଓ ଜଳ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି। ଓଡିଶା ଗସ୍ତରେ ଆସିଥିବା ଅବସରରେ ସେ ଏହା କହିଛନ୍ତି। ସଂପ୍ରସାରିତ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ନୂତନ ଭାବେ ସ୍ଥାନ ପାଇଥିବା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଛଅ ଦିନିଆ ଓଡିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରରେ ପହଂଚିଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ରାଜ୍ୟ ନେତୃବୃନ୍ଦ, ଜିଲ୍ଲା ସଭାପତି ବାବୁ ସିଂ ଏବଂ ଜିଲ୍ଲା ବିଜେପି ତରଫରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କୁ ଭବ୍ୟ ସ୍ୱାଗତ ଜ୍ଞାପନ କରାଯାଇଥିଲା। ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ରଶ୍ମୀରଂଜନ ମୁଦୁଲିଙ୍କ ନେତୃତ୍ୱରେ ବହୁ ଯୁବ କାର୍ଯ୍ୟକର୍ତା କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଆଦିବାସୀ ସମ୍ପ୍ରଦାୟର ପାରଂପାରିକ ନୃତ୍ୟ ବାଦ୍ୟ ସହ ଶ୍ରୀ ଟୁଡୁଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରାଯାଇଥିଲା। ଏହା ପରେ ଶ୍ରୀ ଟୁଡୁ ପ୍ରଭୂ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମନ୍ଦାକିନୀ ପାତ୍ରଙ୍କ ନେତୃତ୍ୱରେ ଲିଙ୍ଗରାଜ ମନ୍ଦିରଠାରେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ପରେ ଶ୍ରୀ ଟୁଡୁ ପୁରୀ ଅଭିମୁଖେ ଗସ୍ତ କରିଥିଲେ। ଆସନ୍ତାକାଲି କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱରରୁ ବାହାରି ବାଲେଶ୍ୱର ଦେଇ ବାରିପଦା ଗସ୍ତ କରି ରାତ୍ରଯାପନ କରିବେ। ଆସନ୍ତା ୮, ୯, ୧୦ ଓ ୧୧ ତରିଖ ଦିନ ମୟୁରଭଂଜ ସଂସଦୀୟ କ୍ଷେତ୍ରରେ ବିଭିନ୍ନ ସ୍ଥାନ ଗସ୍ତ କରି ଦଳୀୟ ଏବଂ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ। ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବେ। ଏହି ଅବସରରେ ବିମାନ ବନ୍ଦରଠାରେ ଜିଲ୍ଲା ବିଜେପି ତରଫରୁ ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ ଓ ହିମାଂଶୁ ଶେଖର ଛୋଟରାୟ, ସୁନୀଲ ପ୍ରଧାନ, ସନ୍ତୋଷ ଜେନା ଏବଂ ଲିଙ୍ଗରାଜ ମନ୍ଦିରଠାରେ ସ୍ଥାନୀୟ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଶିବ ବେହେରା,ମହେଶ୍ୱର ସ୍ୱାଇଁ, ବଳରାମ ବେହେରା ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ।











# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ôଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ପବିତ୍ର କେଦାର ଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦୂଷିତ



ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱରସ୍ଥ ପବିତ୍ର କେଦାରଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦିନକୁ ଦିନ ଅପରିଷ୍କାର ଓ ଦୂଷିତ ହେବାରେ ଲାଗିଛି । ଏହି ପବିତ୍ର କୁଣ୍ଡରେ କୁଢ କୁଢ ପିଇବାପାଣିର ପ୍ଲାଷ୍ଟିକ ବୋତଲ, ଥଣ୍ଡା ପାନୀୟ ଫ୍ରୁଟିର କାଗଜ ଖୋଳ ଓ ଅନ୍ୟାନ୍ୟ କାଗଜ ପତ୍ର ପଡି ଏହାର ପବିତ୍ର ପାଣି ଦୂଷିତ ହୋଇଯାଇଛି । ଏହାଛଡା ରକ୍ଷଣାବେକ୍ଷଣ ଅଭାବରୁ ଏହାର ପବିତ୍ର ଜଳରେ ନୀଳ ଶିଉଳୀର ଆସ୍ତରଣ ପଡିଯାଇ ଅପରିଷ୍କାର ହୋଇଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ପବିତ୍ର କୁଣ୍ଡର ଚାରିପାଖରେ ଅନନ୍ତ ବାସୁଦେବ ମନ୍ଦିର, ଗୁଆଝର ପୁଷ୍କରିଣୀ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଅବସ୍ଥିତ । ଏତଦ୍ ବ୍ୟତୀତ ରାତିରେ ଏହି ସ୍ଥାନ ପୁଅ ଓ ଝିଅମାନଙ୍କର ଆଡ୍ଡାସ୍ଥଳୀ ପାଲଟି ଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନି । ମନ୍ଦିର ପ୍ରଶାସନ କି ଜନସାଧାରଣ କେହି ଏହି ପବିତ୍ର କୁଣ୍ଡପ୍ରତି ନଜର ଦେଉନାହାଁନ୍ତି । ମନ୍ଦିର ପ୍ରଶାସନ ଏ ଦିଗରେ ଉଚିତ୍ ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣରେ ଦାବୀ ହେଉଛି । ମନ୍ଦିରମାଳିନୀ ସହର ଭୁବନେଶ୍ୱରର ପରିବେଶକୁ ସୁରକ୍ଷା ଯୋଗାଇ ଦେବା ସମସ୍ତଙ୍କ ଗୁରୁ ଦାୟିତ୍ୱ । କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ୍ୟ ବ୍ୟକ୍ତିବିଶେଷଙ୍କ ଯୋଗୁଁ ଏକ ବିଶ୍ୱବିଖ୍ୟାତ ମନ୍ଦିର କେଦାରଗୌରୀର ପରିବେଶ ଦୂଷିତ ହେଉଅଛି, ଏଥିପ୍ରତି କାହାର ନିଘା ନାହିଁ । କରୋନା ମହାମାରୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ନୀତିଶିକ୍ଷା ଦେଇଥିଲେ ମଧ୍ୟ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ । ମନ୍ଦିର କର୍ତୃପକ୍ଷ ଏଥିପାଇଁ ନିତ୍ୟାନ୍ତ ଯତ୍ନବାନ ହେବା ଆବଶ୍ୟକ ବୋଲି ନାଗରିକ ସୂଚନା ଏବଂ ଆଇନ୍ ପ୍ରାଧିକରଣ କେନ୍ଦ୍ର , କଟକର ସଭ୍ୟ ଶ୍ରୀ ଦୀପକ କୁମାର ସାହୁ ଓ ଅନ୍ୟ ବୁଦ୍ଧିଜିବୀମାନେ ମତ ଦେଇଛନ୍ତି ।

# କେନ୍ଦୁଝର ଜିଲ୍ଲା ଓକିଲ ସଂଘ ନିର୍ବାଚନ: ସଭାପତି ଭାବେ ଆଶିଷ, ସମ୍ପାଦକ ଭାବେ ଆଲୋକ ପୁନଃନିର୍ବାଚିତ

କେନ୍ଦୁଝର (ପିଏନ୍): ରାଜ୍ୟରେ ଏକସଙ୍ଗେ ଅନୁଷ୍ଠିତ ହେଉଥିବା ସମସ୍ତ ଆଇନଜୀବି ସଂଘର ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଶେଷ ହୋଇଛି । ଏଥିରେ ମୋଟ ୩୮୨ ଜଣ ସଦସ୍ୟଙ୍କ ମଧ୍ୟରୁ ୩୬୬ ଜଣ ମତଦାନ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ସଭାପତି ପଦ ପାଇଁ ଆଶିଷ ଚକ୍ରବର୍ତ୍ତି ନିର୍ବାଚିତ ହୋଇଛନ୍ତି । ବିଜୟୀ ପ୍ରାର୍ଥୀ ଶ୍ରୀ ଚକ୍ରବର୍ତ୍ତି ୨୫୧ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅଶୋକ କୁମାର ଦାସ ୧୧୦ ଟି ଭୋଟ ପାଇଛନ୍ତି । ଉପସଭାପତି ପଦ ପାଇଁ ରବୀନ୍ଦ୍ର କୁମାର ସେଠୀ ନିର୍ବାଚିତ ହୋଇଥିବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସେକ ଶାହାବୁଦ୍ଦିନ ପରାସ୍ତ ହୋଇଛନ୍ତି । ରବୀନ୍ଦ୍ର ୧୬୬ଟି ଭୋଟ ପାଇଥିବାବେଳେ ଶାହାବୁଦ୍ଦିନ ୧୬୫ ଟି ଭୋଟ ପାଇ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ରବୀନ୍ଦ୍ର ଜିତିଛନ୍ତି । ରୋଚକ କଥା ଯେ, ଗତ ନିର୍ବାଚନରେ ଶାହାବୁଦ୍ଦିନଙ୍କଠାରୁ ରବୀନ୍ଦ୍ର ଗୋଟିଏ ଭୋଟରେ ପରାଜିତ ହୋଇଥିବାବେଳେ ଏଥର ଗୋଟିଏ ଭୋଟରେ ରବୀନ୍ଦ୍ର ପୁରୁଣା ପ୍ରତିଦ୍ୱନ୍ଦୀ ଶାହାବୁଦ୍ଦିନଙ୍କୁ ହରାଇଛନ୍ତି । ସମ୍ପାଦକ ପାଇଁ ଆଲୋକ କୁମାର ମହାନ୍ତ ନିର୍ବାଚିତ ହୋଇଥିବାବେଳେ ସେ ୨୬୦ ଖଣ୍ଡ ଭୋଟ ପାଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିନୀତା ଦାଶ ୯୮ଭୋଟ ପାଇଛନ୍ତି । ଦୁଇଗୋଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସମ୍ବିତ କୁମାର ନାୟକ୧୬୬ଟି ଏବଂ ଅନ୍ତର୍ଯ୍ୟାମୀ ସାହୁ ୧୫୦ଟି ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସୁନୀଲ କୁମାର ମହାନ୍ତ ୧୪୮ଟି ଭୋଟ ପାଇ ମାତ୍ର ୨ଟି ଭୋଟରେ ହାରି ଯାଇଛନ୍ତି । ୫ଗୋଟି କାର୍ଯ୍ୟକାରୀ ସଦସ୍ୟ ପାଇଁ ଅନୀଲ କୁମାର ନନ୍ଦ, ସନ୍ତୋଷ କୁମାର ଦାସ,ତାରିଣୀ ପ୍ରସାଦ ପୋଥାଳ,ବିଶ୍ୱରଂଜନ ସାହୁ, ହଳଧର ମହାନ୍ତ ବିଜୟଲାଭ କରିଛନ୍ତି । ଶନିବାର ସକାଳ ୮ଟାରୁ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇ ଅପରାହ୍ନ ୪ଟାରେ ଗଣତି ଆରମ୍ଭ ହୋଇଥିଲା । ସଂଧ୍ୟା ୭ଟା ସୁଦ୍ଧା ଗଣତି ଶେଷ ହୋଇଥିଲା। ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ପରିଡା ଓ ସହ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ରନାଥ ଜେନା,ଅଜୟ ନାଥ, ଦେବାଶିଷ ରଣା, ହିମାଂଶୁ ମହାନ୍ତି, ନିର୍ମଳ ବଳ, କରୁଣାକର ବ୍ରହ୍ମ ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ। କରୋନା କଟକଣା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ସହ ବୁଥ ମଧ୍ୟକୁ ମୋବାଇଲ ଫୋନ, ପ୍ରାର୍ଥୀମାନେ କୌଣସି ଫ୍ଲେକ୍ସ, ବ୍ୟାନର ଲଗାଇ ନଥିବାବେଳେ ସଦସ୍ୟମାନେ ବାର ଆସୋସିଏସନ ପ୍ରଦତ୍ତ ପରିଚୟ ପତ୍ର ଦେଖାଇ ଭୋଟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ଡିସେମ୍ବର ୧୨ ତାରିଖରେ ଏହି ଓକିଲ ସଂଘ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଆଶିଷ ଚକ୍ରବର୍ତ୍ତୀ ସଭାପତି ଏବଂ ଆଲୋକ ମହାନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ନବନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ଏକବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଜଣାପଡିଛି।

# ହରିଚନ୍ଦନପୁର ବ୍ଲକ ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ ବୈଠକ

ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ମଣ୍ଡଳ ପକ୍ଷରୁ କାଦୁଅଡିହା ଆଇଟିଆଇ ହଲ୍ ଠାରେ ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଜୟକୃଷ୍ଣ ମହା’ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳକୁ ମଜଭୁତ କରିବାକୁ ହେଲେ ତୃଣମୂଳ ସ୍ତରରୁ କାର୍ଯ୍ୟକର୍ତ୍ତା ମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ । ମୋଦିଙ୍କ ଲୋକାଭିମୁଖି ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ହରିଚନ୍ଦନପୁର ବ୍ଲକ ତଥା ତେଲକୋଇ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାୟସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚୁର ଅର୍ଥ ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ନିଜ ନାଁରେ ଯୋଜନା କରି ବାହାବା ନେଉଛନ୍ତି । ଅର୍ଥକୁ ହରିଲୁଟ୍ କରିବା ପାଇଁ ପ୍ରଶାସନ ନିଜ ହାତରେ ରଖି ବାଧକ ସାଜୁଛି । ମୋଦିଙ୍କ ନୂଆ ଭାରତ ସ୍ୱପ୍ନ ସାକାର କରିବାକୁ ହେଲେ ଗରିବ ଆଦିବାସୀ ଲୋକଙ୍କ ପାଖରେ ଆମକୁ ପହଂଚିବାକୁ ପଡିବ ବୋଲି ଶ୍ରୀ ସିଦ୍ଧୁ କହିଥିଲେ । ଏଥିପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନର ବର୍ଷକୁ ପଂଚାୟତକୁ ଜନସଂଖ୍ୟା ଅନୁପାତ ଆଧାରରେ ୨୦ଲକ୍ଷରୁ କୋଟିଏ ପର୍ଯ୍ୟ’ ଅର୍ଥ ବ୍ୟୟବରାଦ କରାଯାଉଛି । ଏହି ଅର୍ଥ ସିଧା ସଳଖ ପଂଚାୟତ ସରପଂଚ ପଂଚାୟତର ବିକାଶ ପାଇଁ ପଂଚାୟତ ରାସ୍ତା, ଶ୍ମଶାନ ଗୃହ, ଆଲୋକୀକରଣ, ସ୍ୱଚ୍ଛ ଭାରତ ପାଇଁ ଖର୍ଚ୍ଚ ହେବା କଥା ମାତ୍ର ରାଜ୍ୟ ସରକାର ନିୟମକୁ ବଦଳାଇ ଏହିସବୁ କାମ ସରପଂଚ ବଦଳରେ ଯନ୍ତ୍ରୀଙ୍କ ଦ୍ୱାରା ୱାର୍କ ଅର୍ଡର ମାଧ୍ୟମରେ କରାଉଛନ୍ତି ଫଳରେ ସରପଂଚ ମାନଙ୍କ କ୍ଷମତା ସଙ୍କୁଚିତ ହେବା ସହ ଅର୍ଥ ହରିଲୁଟ୍ କରି ରାଜ୍ୟ ସରକାର ଦଳୀୟ ପାଣ୍ଠି ବଦଳାଇବାରେ ଲାଗି ପଡିଥିବା ଶ୍ରୀ ସିଦ୍ଧୁ କହିଛନ୍ତି । ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବକୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଭିମନ୍ୟୁ ସାହୁ ପାରିତ କରିଥିଲେ । ଏହି ବୈଠକରେ ଜିଲ୍ଲାର ପଦାଧିକାରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନ’ ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅରମ ସିଂ, ଜିଲ୍ଲା କାର୍ଯ୍ୟାଳୟ ସହସମ୍ପାଦକ ଜୟଦେବ ଗିରି, ବିଜେପିର ଦୁଇ ପ୍ରଚାରକ ଇଂ ହିମାଦ୍ରୀ ଦାସ ଓ ଗଣେଶ ମହାକୁଡ, ପୂର୍ବତନ ମଣ୍ଡଳ ସଭାପତି ଶିରିଶ କୁମାର ସାହୁ, ନିର୍ବାଚନ ମଣ୍ଡଳୀ ମିଡିଆ ପ୍ରମୁଖ ଅଭୟ ରଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିନାଥ ପାଇକରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ପଣ୍ଡା, ଚତୁର୍ଭୁଜ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ସୁଶା’ ମହା’, ପ୍ରତାପରୁଦ୍ର ସାହୁ, ଆଇଟି ସେଲ୍ ପ୍ରମୁଖ କ୍ଷେତ୍ରବାସୀ ମହା’, ବ୍ରାହ୍ମଣୀପାଳ ମଣ୍ଡଳ ସଭାପତି କୃଷିକେଶ ମହା’, ମାନୁ ସାହୁ, ରମା ସାହୁଙ୍କ ସହ ମଣ୍ଡଳର ସମସ୍ତ ପଦାଧିକାରୀ ତଥା ସମସ୍ତ ମୋର୍ଚ୍ଚା ସଭାପତି, ସମସ୍ତ ପଂଚାୟତ ପ୍ରମୁଖ ଏବଂ ହରିଚନ୍ଦନପୁର ମଣ୍ଡଳର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଚୈତ୍ରମାସ : ହିଙ୍ଗୁଳା ଯାତ୍ରା



ଚୈତ୍ର ମାସ ମଙ୍ଗଳବାରରେ ମା’ ମଙ୍ଗଳା ଏବଂ ହିଙ୍ଗୁଳାଙ୍କୁ ପଣାଦେଇ ପୂଜାର୍ଚ୍ଚନା କରାଯାଏ। ମା’ ମଙ୍ଗଳା ବସନ୍ତ ଏବଂ ହଇଜା ରୋଗରୁ ରକ୍ଷାକାରୀ ବୋଲି ଧାର୍ମିକ ବିଶ୍ୱାସ। ସେହିପରି ହିଙ୍ଗୁଳା ଅଛନ୍ତି ଗୃହବିବାଦ ଦୂରୀକରଣର ଦେବୀ। ସେ ମଧ୍ୟ ସୁଖ ଓ ଶାନ୍ତି ପ୍ରଦାୟିନୀ ଦେବୀ।ଦଶ ମହାବିଦ୍ୟାର ଆଦ୍ୟାଶକ୍ତି ହେଉଛନ୍ତି ମହାକାଳୀ। ହିଙ୍ଗୁଳା ହେଉଛନ୍ତି ମହାକାଳୀଙ୍କର ଭିନ୍ନ ରୂପା। ସେ ଅଗ୍ନିସମ୍ଭୂତା, ସେହି ଧୂମାବତୀ ଏବଂ ଦଶ ମହାବିଦ୍ୟାର ଦେବୀଗଣ। ସେ ହିଁ ଅଗ୍ନି ଭିତରେ ନିଜକୁ ଲୁଚାଇ ରଖି ମାୟାମୃଗ ସାଜି ରାବଣ ହସରେ ଧରା ଦେଇଥିବା ମାୟା ସୀତା, ସେ ପୁଣି ଅଯୋଧ୍ୟାକୁ ଫେରି ଅଗ୍ନିପରୀକ୍ଷା ଦେଇଥିବା ସୀତା। ଅର୍ଥାତ୍ ସେ ଅଗ୍ନିରୂପା। ତାଙ୍କୁ ଏପରି କହିବାର ଅର୍ଥ ଏହି ଯେ ଅଗ୍ନିର ଦାହିକା ଶକ୍ତି ସହ ଏକାକାର ହୋଇଯିବାର ମହାଭାବ। ସେ ଆଦ୍ୟାଶକ୍ତି ସଦା ବର୍ତ୍ତମାନ-ଦଶଦିଗ ପାଇଁ, ଆତ୍ମାରୁ ପରମାତ୍ମା ଏବଂ ସର୍ବୋପରି ସେ ସବୁରି ଉର୍ଦ୍ଧ୍ୱରେ।

ପୁରାଣମତେ ସ୍ୱାମୀ ଶିବଙ୍କୁ ଦକ୍ଷଯଜ୍ଞଙ୍କୁ ନିମନ୍ତ୍ରଣ ନଥିଲା। ତଥାପି ସତୀ ଗଲେ। ସେଠି ଶିବଙ୍କ ପ୍ରତି ପିତାଙ୍କ ଅନ୍ୟାୟ ଆଚରଣ ଓ ଅପମାନ ସହି ନ ପାରି, ସେ ଯଜ୍ଞକୁଣ୍ଡରେ ଆତ୍ମହତ୍ୟା କଲେ। ଏହା ଜାଣିପାରି ଶିବ କ୍ରୋଧାନ୍ୱିତ ହୋଇ ସେଠାକୁ ଯାଇ ଧ୍ୱଂସର ତାଣ୍ଡବଲୀଳା ଆରମ୍ଭ କରିଦେଲେ ଏବଂ ସତୀଙ୍କ ଶବ ଧରି ଇତସ୍ତତଃ ବୁଲିବାକୁ ଆରମ୍ଭ କରିଦେଲେ। ଏହା ଦେଖି ବାସୁଦେବ ସୁଦର୍ଶନ ଚକ୍ର ପେଶି ସତୀଙ୍କ ଶରୀରକୁ ଛେଦିଦେଲେ। ଏହିପରି ଏହା ୫୧ଟି ଖଣ୍ଡ ଓ ୨୬ ଉପଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଲା। ଏହି ସ୍ଥାନଗୁଡିକ କ୍ରମଶଃ ପାଲଟିଗଲେ ଶକ୍ତିପୀଠ। ବିଶ୍ୱାସ କରାଯାଏ ଯେ ମା’ଙ୍କର ମସ୍ତକ ପଡ଼ିଥିଲା ପାକିସ୍ତାନର ବେଲୁଚିସ୍ଥାନରେ ଥିବା ହିଙ୍ଗୁଳା ବା ହିଙ୍ଗଲାଜ୍‌ରେ। ଏଠାରେ ମା’ ହିଙ୍ଗୁଳା ରୂପେ ପୂଜା ପାଆନ୍ତି। ଏହା ହିଁ ପ୍ରଥମ ଶକ୍ତିପୀଠ। ତାଙ୍କର ଦକ୍ଷିଣ ପାଦର ଚାରି ଆଙ୍ଗୁଳି କଲିକତାର କାଳିଘାଟରେ ପଡ଼ିଥିଲା। ଯେଉଁଠି ସେ କାଳୀ ରୂପେ ପୂଜା ପାଆନ୍ତି। କଣ୍ଠ ପଡ଼ିଥିଲା ଅମରକଣ୍ଟକରେ; ଯୋନି ପଡ଼ିଥିଲା ଆସାମର କାମାକ୍ଷାରେ ଏବଂ କିଛି ଚର୍ମାଂଶ ପଡ଼ିଥିଲା କଟକରେ।

ପ୍ରଥମ ଶକ୍ତିପୀଠ ପାକିସ୍ତାନର ବେଲୁଚିସ୍ଥାନରେ ଅବସ୍ଥିତ। ଏହା ହିଙ୍ଗୁଳା ମନ୍ଦିର ରୂପେ ଖ୍ୟାତ। ଏହା ମକ୍ରାନ୍ ବା ମରକାନ୍ ପର୍ବତ ଉପରେ ଅବସ୍ଥିତ। ଏଠାରୁ ଲକ୍ଷ ଲକ୍ଷ ହିନ୍ଦୁ ଓ ମୁସଲ୍‌ମାନ ଭକ୍ତମାନେ ଆସନ୍ତି। ସେ ଉଭୟ ଧର୍ମର ଦେବୀ। ପାହାଡ଼ ଉପରେ ଏକ ଲମ୍ବା ପର୍ବତ ଗୁମ୍ଫାରେ ଦେବୀ ଅବସ୍ଥାନ କରନ୍ତି। ଏକମୁହାଁ ରାସ୍ତା, ନଇଁ ନଇଁ ଯିବାକୁ ହୁଏ। ଦେବୀ ସିନ୍ଦୁରରେ ନାଲି ପାଟବସ୍ତ୍ରଯୁକ୍ତ ଏବଂ ରକ୍ତବର୍ଣ୍ଣ ଅର୍ଥାତ୍ ହେଙ୍ଗୁବର୍ଣ୍ଣା। ଏଣୁ ହିଙ୍ଗୁଳା ଏଠାରେ ଶକ୍ତି ହିଙ୍ଗୁଳା ଏବଂ ଭୈରବ ହେଉଛନ୍ତି ଭୀମଲୋଚନ। ପାକିସ୍ତାନରେ ହିଙ୍ଗୁଳା ଦେବୀଙ୍କୁ ‘ନାନୀ’ ଏବଂ ଏ ତୀର୍ଥସ୍ଥାନକୁ ‘ନାନୀକି ହଜ୍’ ବୋଲି କୁହାଯାଏ। ଏଠାର ତୀର୍ଥଯାତ୍ରାକୁ ‘ହଜ୍’ କୁହାଯାଏ। ଏଠାକାର ପୁରୋହିତଙ୍କୁ ‘ଛଡ଼ିଦାର’ କୁହନ୍ତି। ଏଠି ଦେବୀଙ୍କୁ ଲାଲକପଡ଼ା, ଅଗରବତୀ, ଅତର ଓ ଶିରିଣି ସମର୍ପଣ କରାଯାଏ। ଏ ମନ୍ଦିର ପ୍ରତି ହିନ୍ଦୁ ଓ ମୁସଲମାନମାନେ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାମାନେ ତତ୍ପର ଥାଆନ୍ତି। ଏଥିପାଇଁ ହିନ୍ଦୁ ମାନସିକତା ଉପରେ କୌଣସି ପ୍ରତିକୂଳ ଚାପ ପକାଯାଏନି।

କରାଚିରୁ ଏହି ମନ୍ଦିରର ଦୂରତ୍ୱ ୧୬୦ ମାଇଲ୍। କ୍ୱେଟା ଯାଏଁ ରାଜପଥ, ତେଣିକି ସଂକୀର୍ଣ୍ଣ ଓ ଦୁର୍ଗମ। ତଥାପି ଭକ୍ତଙ୍କ ଭିଡ଼।

ଏ ଯାଗାକୁ ନେଇ ଏକ କାହାଣୀ ଅଛି । ତ୍ରେତୟାଯୁଗରେ ‘ଦିଚାତାର’ ନାମରେ ଜଣେ ସୂର୍ଯ୍ୟବଂଶୀ ରାଜା ଥିଲେ । ତାଙ୍କର ପଡ଼ୋଶୀ ରାଜ୍ୟ ଥିଲା ଚୀନ୍। ରାଜାଙ୍କର ଦୁଇପୁତ୍ର ଥିଲେ- ହିଙ୍ଗୋଳ ଓ ସୁନ୍ଦର। ଏହି ସମୟରେ ଚୀନ୍‌ରେ ଜଣେ ଚନ୍ଦ୍ରବଂଶୀ ରାଜା ଥିଲେ। ସେମାନେ ଥିଲେ ଶିବଭକ୍ତ। ରାଜକୁମାର ସୁନ୍ଦର ଚୀନ୍‌କୁ ଆକ୍ରମଣ କରି ହତ୍ୟା ଓ ଲୁଣ୍ଠନ କଲେ। ଏଥିରେ ଉତ୍ୟକ୍ତ ଏବଂ ଅସନ୍ତୁଷ୍ଟ ପ୍ରଜାମାନେ ଶିବଙ୍କୁ ଗୁହାରି କଲେ ଏବଂ ଶିବ ଗଣେଶଙ୍କୁ ପଠାଇ ସୁନ୍ଦରଙ୍କୁ ହତ୍ୟା କଲେ। ଏଥିରୁ ହିଙ୍ଗୋଳ କ୍ରୋଧାନ୍ୱିତ ହୋଇ ତପସ୍ୟା କଲେ ଏବଂ ତପସ୍ୟାରେ ବର ପାଇଲେ ଯେ ତାଙ୍କର ଯେଉଁଠି ମୃତ୍ୟୁ ହେବ, ସେଠି ସୂର୍ଯ୍ୟକିରଣ ପଡୁନଥିବ। ପରେ ସେ ଯୁଦ୍ଧ କରି ବହୁ ରାଜ୍ୟ ଜୟ କରି ଘୋର ପାପ ବି କଲେ। ଦେବୀ ତାଙ୍କୁ ତ୍ରିଶୂଳ ସାହାଯ୍ୟରେ ସୂର୍ଯ୍ୟ କିରଣ ପଡୁନଥିବା ତାଙ୍କ ଗୁମ୍ଫା ଭିତରେ ହତ୍ୟା କଲେ। ଅଥଚ ହିଙ୍ଗୋଳର ଅନୁରୋଧ କ୍ରମେ ସେ ସ୍ଥାନଟିର ନାମ ରଖିଥିଲେ- ହିଙ୍ଗଳ । ଏହି ହିଙ୍ଗଳ ହିଁ ଶକ୍ତିରେ ହିଙ୍ଗଲାଜ୍ ତୀର୍ଥ।





ଓଡ଼ିଶାରେ ୫୧ଟି ଶକ୍ତିପୀଠ ମଧ୍ୟରୁ ଅନୁଗୋଳ ଜିଲ୍ଲାର ଗୋପାଳ ପ୍ରସାଦ ଗ୍ରାମରେ ଏବଂ ଯାଜପୁର ଜିଲ୍ଲାର ‘ଶଙ୍ଖଚିଲ୍ଲା’ ଗ୍ରାମରେ ମା’ ହିଙ୍ଗୁଳାଙ୍କ ମନ୍ଦିର ଅଛି। ଏହି ଦୁଇ ସ୍ଥାନରେ ମା’ ଅଗ୍ନିରୂପା। ତାଳଚେରର ହିଙ୍ଗୁଳା ଦେବୀଙ୍କ ସହ ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ରନ୍ଧନର ସଂପର୍କ ଅଛି। ଏଇଠୁ ମା’ ଅଗ୍ନିରୂପା ଶ୍ରୀମନ୍ଦିର ଯିବା ପରେ ପ୍ରଥମ ଅଗ୍ନି ସଂଯୋଗରେ ପ୍ରଥମ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା।

ଶୁଣାଯାଏ ଶଙ୍ଖଚିଲ୍ଲାରେ ମା’ଙ୍କର ଆବିର୍ଭାବ କାହାଣୀ ପଛରେ ଏକ ରହସ୍ୟମୟ କିମ୍ବଦନ୍ତୀ ଅଛି। ଏଠି କୁଆଡ଼େ ଦିବା ଅଗ୍ନିରେ ବାରମ୍ବାର ନିଆଁ ଲାଗିଲା। ଲୋକେ ଅତିଷ୍ଠ ହୋଇପଡ଼ିଲେ। ଶେଷରେ ମା’ ସ୍ୱପ୍ନାଦେଶ ଦେଲେ ଯେ ତାଙ୍କର ପୂଜା ହେଉ। ତାହା ହିଁ ହେଲା। ସେ ପ୍ରଥମେ ଏକ ବରଗଛରେ ଅବସ୍ଥାନ କଲେ। ପରେ ଗ୍ରାମବାସୀମାନେ ତାଙ୍କ ପାଇଁ ଏକ ମନ୍ଦିର କଲେ। ଏଠି ମଧ୍ୟ ପାଖରେ ଭୈରବୀ ପୂଜା ପାଆନ୍ତି। ଭୈରବୀ ଯେଉଁଠି ଭୈରବ ସେଇଠି।

ଖାଲି ଓଡ଼ିଶା କି ଭାରତ ମଧ୍ୟ ନୁହେଁ, ମା’ ମହାକାଳୀ ଆଦ୍ୟାଶକ୍ତି ହିଙ୍ଗୁଳା ପୃଥିବୀର ଅନ୍ୟ ଦେଶରେ ମଧ୍ୟ ପୂଜା ପାଆନ୍ତି। ସେମାନେ ଦଶମହାବିଦ୍ୟା ମଧ୍ୟରୁ ଜଣେ ଅଥବା ଅଷ୍ଟଚଣ୍ଡୀମାନଙ୍କ ମଧ୍ୟରୁ ଜଣେ ହିସାବରେ ପୂଜା ପାଆନ୍ତି। ଅଷ୍ଟଚଣ୍ଡୀ- ଉଗ୍ରଚଣ୍ଡୀ, ଭଦ୍ରକାଳୀ, ଉମା, ଉଗ୍ରତାରା, ଧୂମାବତୀ, କାଳୀ, ଶିବହତ୍ରୀ ବା ଚଣ୍ଡିକା ଆକାରରେ ପୂଜା ପାଆନ୍ତି।

ଚୈତ୍ର ମଙ୍ଗଳବାରରେ ସେ ମଙ୍ଗଳାଙ୍କ ପରି ପୂଜା ପାଆନ୍ତି। ତେବେ ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମା’ଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହୋଇଥାଏ। ମା’ ହିଙ୍ଗୁଳା ସେଦିନ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି। ତାଙ୍କ ପାଇଁ ସମସ୍ତେ ସମାନ। ସେ ଅଗ୍ନିରୂପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି ଏବଂ ଏ ଦର୍ଶନ ଓ ପୂଜା ୨୧ ଦିନ ଧରି ଚାଲେ। ପୂର୍ବେ ଦେବୀଙ୍କ ପାଖେ ବଳିପ୍ରଥା ଥିଲା। ଏବେ ତାହା ଲୋପ ପାଇଛି। ବଳି ପରିବର୍ତ୍ତେ ଦେବୀଙ୍କୁ ବିଭିନ୍ନ ପତ୍ର, ଫୁଲ, ଫଳ, ଦୁଧ, ମହୁ, ଉଖୁଡ଼ା ଇତ୍ୟାଦି ଭୋଗ କରାଯାଏ।

ପୂଜାର ନବମ ଦିନ ଶିତୁଳା ବା ଶୀତଳା ଯାତ୍ରା ପାଳନ ହୁଏ। ଏହି ଦିନରେ ଏକ ଚାନ୍ଦୁଆ ଲାଗିହୁଏ। ତଳେ ନିଆଁ। କିନ୍ତୁ ଏ ନିଆଁ ଚାନ୍ଦୁଆକୁ ସ୍ପର୍ଶ କରେ ନାହିଁ। ଯଦି କରେ ତେବେ କୌଣସି କୋଣ ଏହାର ପୋଡ଼ିଯାଏ। ତେବେ ବିଶ୍ୱାସ କରାଯାଏ ସେ ବର୍ଷ ସେ ଦିଗରେ ଭଲ ଫସଲ ହୁଏ।

**ହିଙ୍ଗୁଳାଙ୍କୁ ନେଇ ଯାତ୍ରା**-ଏହାକୁ ହିଙ୍ଗୁଳା ଯାତ୍ରା ବା ପାଟଣା ଯାତ୍ରା କୁହାଯାଏ। ଏହା ମହାବିଷୁବ ସଂକ୍ରାନ୍ତି ସହ ଜଡ଼ିତ। ବିଶ୍ୱାସ ପାପୀମାନଙ୍କୁ ବିନାଶ, ପାଇଁ ମା’ ହିଙ୍ଗୁଳା ଏ ପୃଥିବୀକୁ ଅଗ୍ନିରୂପା ଏବଂ ଅଗ୍ନିସମ୍ଭୂତା ଅବତୀର୍ଣ୍ଣ ହୋଇଥାନ୍ତି। ହିଙ୍ଗୁଳାଙ୍କୁ ନେଇ ପ୍ରତି ଘରେ ହିଙ୍ଗୁଳା ପଣାର ପ୍ରଚଳନ ଅଛି। ହିଙ୍ଗୁଳାଙ୍କୁ ନେଇ ଦଣ୍ଡଯାତ୍ରା। ଏ ଭକ୍ତମାନେ ହିଁ ପାଟୁଆ। ଦିନସାରା ଏମାନେ ଗାଁ ଗାଁ ବୁଲି ସାରି ନଦୀ ବା ପୋଖରୀରେ ଗାଧୁଆ ସାରନ୍ତି। ରାତିକୁ ଦଣ୍ଡନାଚ। ସେମିତିରେ ଠାକୁରାଣୀଙ୍କ ଉପରେ ବିଶ୍ୱାସ ରଖି ବାଦ୍ୟଧ୍ୱନି ମଧ୍ୟରେ ନିଆଁରେ ଓ କଣ୍ଟାରେ ଚାଲନ୍ତି ଅଥବା ଖଣ୍ଡାଧାରରେ ଛିଡ଼ା ହୁଅନ୍ତି। ସେମାନଙ୍କ କାର୍ଯ୍ୟାନୁସାରେ ବିଭିନ୍ନ ପାଟୁଆରେ ବିଭକ୍ତ ହୋଇଥାନ୍ତି। ଯଥା-ନିଆଁ ପାଟୁଆ, କଣ୍ଟା ପାଟୁଆ ବା ଖଣ୍ଡା ପାଟୁଆ କୁହାଯାଏ। ଏ ପ୍ରକାର ପର୍ବ ମୟୂରଭଞ୍ଜ ଓ କେନ୍ଦୁଝରରେ ଉଡ଼ା ପରବ ଆକାରରେ ପାଳନ କରାଯାଏ। ଏହିଦିନ ବନ୍ଧୁନୟୁକ୍ତ ପକ୍ଷୀମାନଙ୍କୁ ସେମାନେ ମୁକ୍ତ କରିଥାନ୍ତି । ଅର୍ଥାତ ପକ୍ଷୀମାନଙ୍କୁ ଉଡ଼ାଇଥାନ୍ତି।

ହିନ୍ଦୁଳା ଅଗ୍ନିରୂପା ବା ଅରୂପା। ଏଣୁ ଯଥାର୍ଥରେ ରାଧାନାଥ ମହାଯାତ୍ରାରେ କହିଛନ୍ତି-



*‘ଚିତ୍ରାପିତ ପ୍ରତିମା ଯେସନେ*
*ସିଙ୍ଗଡ଼ ତଟନୀ ଧୌତ ଅଙ୍ଗାର ପ୍ରାନ୍ତରେ*
*ପବିତ୍ର ହିଙ୍ଗୁଳା ପୀଠେ ଜଳିଉଠେ*
*ଆଚମ୍ବିତ ବିଶ୍ୱଶିଖା ନିଦାଘ ନିଶୀଥେ ।’*

ଆସନ୍ତୁ ସେ ହିଙ୍ଗୁଳାଙ୍କର ଶରଣ ପଶିବା।

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍- ୯୯୩୮୩୪୧୩୮**

# ଲୁଥେରାନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଦୁଷ୍କର୍ମ ପରେ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତ ଟିମ ଗଠନ କଲେ ଏସପି

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମରୁ ଶିଶୁପୁତ୍ର ଜନ୍ମ ଅଭିଯୋଗର ତଦନ୍ତ କରିବା ପାଇଁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଏକ ସ୍ୱତନ୍ତ୍ର ତଦନ୍ତ ଟିମ ଗଠନ କରିଛନ୍ତି । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏହି ସ୍ୱତନ୍ତ୍ର ତଦନ୍ତ ଟିମରେ ଟାଉନ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ଆଇ.ୟୁ.ସି.ଏ.ଡବ୍ଲୁ.ର ଇନିସପେକ୍ଟର ସସ୍ମିତା ବେହେରା, ଟାଉନ ଥାନାର ମହିଳା ସବଇନିସପେକ୍ଟର କାଦମ୍ବିନି ପରିଡା ଓ ମାର୍ଶାଘାଇ ଥାନାର ସବଇନିସପେକ୍ଟର ଦେବାଶିଷ ପଣ୍ଡା ରହିଛନ୍ତି । ନବ ଗଠିତ ପୋଲିସ ଟିମଟି ମାର୍ଶାଘାଇ ଥାନା କେଶ ନମ୍ବର ୧୮୩/୨୦୨୧(ତା୬.୦୪.୨୦୨୧)ର ଆଇପିସିର ଧାରା ୩୭୬(୨)(୧),୨୯୪, ୫୦୬, ୩୪,୧୦୯ ଏବଂ ମାର୍ଶାଘାଇ ଥାନା କେଶ ନମ୍ବର ୧୮୭/୨୦୨୧(ତା ୮.୦୪.୨୦୨୧)ର ଆଇ.ପି.ସିର ଦଫା ୩୭୬(୨)(ଘ)(୧),୩୭୦, ୪୦୩, ୪୦୬ ଓ ୩୪ ଘଟଣା ସମ୍ପର୍କରେ ପେଷାଦାର ମନୋଭାବ ସହ ସଠିକ ଢଙ୍ଗରେ ତଦନ୍ତକୁ ତ୍ୱରାନ୍ୱିତ କରବା ପାଇଁ ଗଠନ କରାଯାଇଛି । ଏହି ତଦନ୍ତକାରୀ ଟିମ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାନ୍ତିଙ୍କ ପରାମର୍ଶ ଓ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

# ଲୁଥେରାନ ମହିଳା ସମିତି ବିରୋଧରେ ହୋଇଥିବା ଅଭିଯୋଗଗୁଡିକର ତଦନ୍ତ କରିବେ ତିନିଜଣିଆ ଟିମ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଳିପଙ୍କସ୍ଥିତ ଲୁଥେରାନ ମହିଳା ସମିତି ବିରୋଧରେ ହୋଇଥିବା ଅଭିଯୋଗ ଗୁଡିକର ତଦନ୍ତ କରି ଆସନ୍ତା ୧୫ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡାଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଟିମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଚିନ୍ମୟୀ ରଥ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ନିଆଯାଇଛି । ଏହି ଟିମ ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳନା ସମ୍ପର୍କରେ ସବୁ ଦିଗରୁ ତଦନ୍ତ କରିବା ସହ, ନିଯୁକ୍ତି ପ୍ରକ୍ରୀୟା ସମ୍ପର୍କିତ ସମସ୍ତ ରେକର୍ଡ, ବର୍ତ୍ତମାନର ପରିଚାଳନା ପରିଷଦ, ବର୍ତ୍ତମାନର ଶିଶୁ ଯତ୍ନ ଅନୁଷ୍ଠାନରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ସମ୍ପର୍କରେ, ପରିଚାଳନାଗତ ତୃଟି ଓ ଆବଶ୍ୟକତା ଅନୁଯାଇ କର୍ମଚାରୀ ଅଛନ୍ତି କି ନାହିଁ ସେ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ । ଏଥିସହିତ ସେହି ଟିମ ଶିଶୁ ଯତ୍ନ ଅନୁଷ୍ଠାନର ବିଭିନ୍ନ ତୃଟି ଓ ଦାୟୀତ୍ୱ ଖିଲାପ କରିଥିବା କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ମତାମତ ସହ ପରାମର୍ଶ ମଧ୍ୟ ରିପୋର୍ଟରେ ଦେଇପାରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପିଓ ଆଇ.ସି. ବାଦଲ ଦାଶଙ୍କ ଠାରୁ ସମସ୍ତ ଦାୟୀତ୍ୱ ପ୍ରତ୍ୟାହାର କରିନିଆଯାଇଥିବା ବେଳେ ମହାକାଳପଡା ବ୍ଲକର ସିଡିପିଓ ମନୋରମା ସ୍ୱାଇଁଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପି.ଓ. ଆଇ.ସି.ଦାୟୀତ୍ୱରେ ରହିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ପ୍ରାକ୍ତନ ଜିଲ୍ଲାପାଳ ସମର୍ଥ ବର୍ମା ଲୁଥେରାନ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନରେ ହୋଇଥିବା ଏକ ସଂଗୀନ ଘଟଣା ସମ୍ପର୍କରେ ପୂର୍ବତନ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କ ରିପୋର୍ଟ ଉପରେ ତଦନ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସେହି ଘଟଣାର ତଦନ୍ତ ଆଜିବି ରହସ୍ୟାବୃତ ହୋଇରହିଛି । ଅନ୍ୟପକ୍ଷରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଲୁଥେରାନରେ ଘଟୁଥିବା ସମସ୍ତ ଘଟଣା ସମ୍ପର୍କରେ କିଭଳି କିଛି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ସରକାରୀ ଅଧିକାରୀଙ୍କୁ ନେଇ ଗଠିତ ତଦନ୍ତ ଟିମ ଯେ ନିରପେକ୍ଷ ରିପୋର୍ଟ ପ୍ରଦାନ କରିବା ସମ୍ଭବ ନୁହେଁ ତାହା ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।




# ପୁରାତନ ଛାତ୍ର ସଂସଦର ବୈଠକ

ଚଣ୍ଡିଖୋଲ:ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦର ଏକ ବୈଠକ ସଭାପତି ଅଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିରକ୍ଷା ବିଭାଗ ତରଫରୁ ବଛା ବଛା କେତୋଟି ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ୧୯୭୧ ମସିହା ଭାରତ ପାକିସ୍ଥାନ ଯୁଦ୍ଧରେ ଅଂଶ ଗ୍ରହଣ କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଋଷିଆ ନିର୍ମିତ ଟି-୫୫ ଯୁଦ୍ଧଟ୍ୟାଙ୍କ ସ୍ମାରକୀ ଭାବରେ ରଖିବା ପାଇଁ ସ୍ଥିର କରାଯାଇଛି। ଏହା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶର ସୁରକ୍ଷା, ଅଖଣ୍ଡତା ଓ ସନ୍ୟବାହିନୀରେ ଛାତ୍ରଛାତ୍ରୀମାନେ ଯୋଗ ଦେବାକୁ ପ୍ରୋତ୍ସାହନ ଦେବା ସହିତ ଭାରତର ବିଜୟ ସ୍ମାରକୀ ଭାବରେ ଏହା ଛାତ୍ରଛାତ୍ରୀ ଓ ଯୁବକ, ଯୁବତୀମାନଙ୍କ ମଧ୍ୟରେ ଦେଶପ୍ରୀତି ଉଦ୍‌ବେଗ କରିବ ବୋଲି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି ଟ୍ୟାଙ୍କକୁ ପୁନେ ଠାରୁ ଆଣିବା ପାଇଁ ଆବଶ୍ୟକୀୟ ଅର୍ଥ ଓ ପ୍ରତିରକ୍ଷା ବିଭାଗରେ ଆବଶ୍ୟକୀୟ ଅର୍ଥର ପୈଠ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ଏକ କମିଟି ଗଠନ କରାଯାଇ ସ୍ଥାନୀୟ ବିଧାୟକ, ଯାଜପୁର ସାଂସଦ ସମେତ ବହୁ ବଦାନ୍ୟ ବ୍ୟକ୍ତି, ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଠାରୁ ସାହାର୍ଯ୍ୟ ଓ ସହଯୋଗ ଆଣିବା ପାଇଁ ଆଜିର ବୈଠକରେ ଆଲୋଚନା ହୋଇଥିଲା। ଏଥିପାଇଁ ଏକ କମିଟି ଗଠନ କରାଯାଇ କମିଟିର ସଦସ୍ୟ ଭାବରେ ଅଧ୍ୟାପକ ପବିତ୍ର ମୋହନ ମାହାଲା, ଦେବରାଜ ବେହେରା, ଡ଼ଃ ଦାଲିପ କୁମାର ନାୟକ, ଅଧ୍ୟାପକ ବିଜୟକେତନ ସାମଲ, ସଲିଲ ରାଜନନ୍ଦନ ମହାନ୍ତି, ପୁରାତନ ଛାତ୍ର ପ୍ରଶାନ୍ତ କୁମାର ଜେନା, ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ମନୋନିତ କରାଯାଇଥିଲା। ଏହି କମିଟି ଖୁବ୍ ଶିଘ୍ର ପରବର୍ତ୍ତି କାର୍ଯ୍ୟକ୍ରମ ସ୍ଥିର କରି ଯଥାଶିଘ୍ର ଟ୍ୟାଙ୍କଟିକୁ କଲେଜ ପରିସରରେ ସ୍ଥାପନ କରିବା ପାଇଁ ନିଜର ଚେଷ୍ଟା ଜାରି ରଖିବ ବୋଲି ମତପ୍ରକାଶ ପାଇଥିଲା।

# ବନ୍ୟଜନ୍ତୁ ଶୀକାର ଅଭିଯୋଗରେ ୩ ଗିରଫ

କେନ୍ଦୁଝର: ଭୂଆଁ ଜୁଆଙ୍ଗ ପୀଢ ଶୁଆକାଟୀ ସେକ୍ସନ କୁଶକଳା ବିଟ ରୁଗୁଡିସାହି ଛକରେ କୁଟାରୀ ମାଂସ ବିକ୍ରୀ ଅଭିଯୋଗରେ ବନ ବିଭାଗ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କଲଣ୍ଡା ଡିପିଏଫ ଜଙ୍ଗଲରୁ କୁଟାରୀ ଶୀକାର କରି ରୁଗୁଡିସାହି ଛକରେ ବିକ୍ରୀ କରୁଥିବା ବନ ବିଭାଗ ସୂଚନା ପାଇଥିଲା। ଶୁକ୍ରବାର ଦିନ ସକାଳେ ବନ ବିଭାଗର ଏକ ଟିମ୍ ଗ୍ରାହକ ବେଶରେ ଯାଇ ମାଂସ କିଣିବା ଆଳରେ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ସାଧା ପୋଷାକରେ ଅଧା କିଲୋ ମାଂସ ୩ଶହ ଟଙ୍କାରେ କିଣିବା ପାଇଁ ମୂଲଚାଲ କରିବା ପରେ ଶୀକାରୀମାନେ ମାଂସ ଦେବା ପରେ ସେମାନଙ୍କୁ ମାଡି ବସିଥିଲେ। ଶୀକାରୀଙ୍କୁ ଧରିବା ସମୟରେ ରେର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଶରତ କୁମାର ପଟ୍ଟନାୟକ,ଫରେଷ୍ଟ ଗାର୍ଡ ବୁଲୁ ନାହକ,ମଧୁସ୍ମିତା ଦୋରା ପ୍ରମୁଖ ସାମିଲ ଥିଲେ। ଗିରଫ ସୁଲେମାନ କମାଲ(୩୮),ହନୁକ ଜୀବନ ହାସାଁ(୩୨)ଙ୍କ ଘର ଅନୁଗୁଳ ଜିଲ୍ଲା ବାରାହଇହା ଗ୍ରାମରେ ହୋଇଥିବାବେଳେ ମଧୁସୂଦନ ସାଉଁଟା(୩୫)ଙ୍କ ଘର ଅନୁଗୁଳ ଜିଲ୍ଲା ବରୁଣାଡିହି ଗ୍ରାମରେ ବୋଲି ଜଣାପଡିଛି। ଗିରଫ ୩ଜଣଙ୍କ ଠାରୁ କିଲୋ ମାଂସ ସହ ଧନୁତୀର,ଛୁରୀ ଜବତ୍ କରାଯାଇଛି। ଏହା କୁଟାରୀ ମାସଂ ବୋଲି ଜଣାପଡିଥିଲେ ହେଁ ଫରେନସିକ ଯାଂଚ ପାଇଁ ଲୋମ,ମାସଂ ପଠାଯିବ ଯିବ ବୋଲି ରେର ମାନସ କୁମାର ମୁର୍ମୁ ସୂଚନା ଦେଇଛନ୍ତି। କୁଟାରୀ ବନ୍ୟପ୍ରାଣୀ ସିଡ୍ୟୁଲ ୩ ବିଭାଗରେ ଯାଉଥିବାରୁ ଦୋଷ ପ୍ରମାଣିତ ହେଲେ ସର୍ବାଧିକ ୭ ବର୍ଷ ଜେଲ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି।

# ଗୁରୁପୁଜନ ଉତ୍ସବ ଅନୁଷ୍ଠିତ

ଚଣ୍ଡିଖୋଲ:ଆଜି ଧାନମଣ୍ଡଳ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଗୁରୁପୁଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବିନାଶ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଶ୍ୟତ ଶିକ୍ଷା ଓ ସଂସ୍କୃତି ପ୍ରଭାବ ତଥା ଆଧୁନିକତାର ଚାକ ଚକ୍ୟରେ ଆମ ସମାଜରୁ ହଜିଯାଉଥିବା ଗୁରୁ ଶିଷ୍ୟର ସମ୍ପର୍କ, ପୁଜ୍ୟପୁଜାର ଅବକ୍ଷୟକୁ ଏହି ଉତ୍ସବ ଉଜିବିତ କରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବଡ଼ଚଣାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିବା ଆଦର୍ଶ ଶିକ୍ଷକ ବିନାୟକ ନାୟକ, ଯତିନ୍ଦ୍ର କୁମାର ଜେନା, ନିର୍ମଳ ଚନ୍ଦ୍ର ସାମଲ, ବସନ୍ତ କୁମାର ନାୟକ, ଡ଼ଃ ସୁଧିର କୁମାର ସମାଲ, ଦିଗମ୍ବର ଜେନା ଓ ଭୋଳିନାଥ ପରିଡ଼ାଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଛ ଓ ତାରା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିଶୁ ମନ୍ଦିରର ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଶୁକ୍ଳା, ସମ୍ପାଦକ ବିଭାସ ଚନ୍ଦ୍ର ନନ୍ଦ, ହିମାଂଶୁ ଶେଖର ନନ୍ଦ, ବ୍ରଜ କିଶୋର ବିଶ୍ୱାଳ, ଶଙ୍କର୍ଷଣ ପରିଡ଼ା, ଅକ୍ଷୟ କୁମାର ଦାସ, ସାଗର ରଂଜନ ନାୟକ, ଡ଼ଃ କୈବଲ୍ୟ ମହାପାତ୍ର, ରଶ୍ମିତା ସେଠୀ, କାର୍ତ୍ତିକ ଚନ୍ଦ୍ର ଜେନା, ଶୁସାନ୍ତ କୁମାର ଜେନା, ଅଜିତ କୁମାର ନାୟକ, ସୌମ୍ୟରଂଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ଭାରତ ମାତା ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଗୁରୁବନ୍ଦନା ଗାନ କରାଯାଇ ପୁଜ୍ୟ ପୁଜାର ଆୟଜନ କରାଯାଇ ଗୁରୁମାନଙ୍କୁ ଧୁପ, ଦୀପ, ଚନ୍ଦନ, ସିନ୍ଦୁର, ଅର୍ଘ୍ୟ ଦେଇ ପୁଜନ କରାଯାଇଥିଲା।

# ନବମ ଶ୍ରେଣୀ ଖୋଲିବାକୁ ନେଇ ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ବିଭ୍ରାନ୍ତିକର ଚିଠି, ଶିକ୍ଷକ ମହଲ ଅଡୁଆରେ

କେନ୍ଦୁଝର: ଓଡିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବା ପରେ ସରକାର ଜୁଲାଇ ୨୬ତାରିଖରୁ ଦଶମ ଶ୍ରେଣୀ ଓ ଅଗଷ୍ଟ ୧୬ ତାରିଖରୁ ନବମ ଶ୍ରେଣୀ ପାଠପଢା ଚାଲୁ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ। ଅଗଷ୍ଟ ୧୬ ତାରିଖ ଠାରୁ ନବମ ଖୋଲିବା ବେଳେ ସମସ୍ତ ସରକାରୀ ଏବଂ ବେସରକାରୀ ଛାତ୍ରାବାସ ଖୋଲାଯାଇ ପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଥିଲା। ସେହି ଅନୁସାରେ କେନ୍ଦୁଝରରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲାର ୩୧୯ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ନବମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଛାତ୍ରାବାସରେ ରଖି ପାଠପଢା ଚାଲୁ ରଖିଥିଲେ। ଏଥିପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ବ୍ଲକର କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ପ୍ରଧାନଶିକ୍ଷକ ମାନଙ୍କୁ ଅନୁମତି ଦେଇଥିଲେ। କିନ୍ତୁ ହଠାତ୍ କିଛିଦିନ ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀମାନେ ନବମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଘରକୁ ପଠାଇ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଆମ ବିଭାଗର କୌଣସି ଚିଠି ନ ଆସିଲେ ଛାତ୍ରାବାସ ଖୋଲାଯାଇ ପାରିବନି ବୋଲି ସେମାନେ ପ୍ରଧାନଶିକ୍ଷକ ମାନଙ୍କୁ ତାଗିଦ୍ କରିଥିଲେ। ଇତି ମଧ୍ୟରେ ଚଳିତ ମାସ ୪ ତାରିଖରେ ବିଭାଗୀୟ ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ୧୭୦୩୬ ଚିଠି ଅନୁସାରେ ୨୩.୦୮.୨୦୨୧ ତାରିଖ ଠାରୁ ନବମ ଶ୍ରେଣୀ ଖୋଲିବା ପାଇଁ ଏକ ଚିଠି କରିଛନ୍ତି।

# ତହସିଲ ପକ୍ଷରୁ ଜବର ଦଖଲ ଉଚ୍ଛେଦ

ଘଷିପୁରା: ଘସିପୁରା ତହସିଲ ଖାଳିଆମେଣ୍ଟା ରାଜସ୍ୱ ସର୍କଲ ନିପାଣିଆ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହୋଇଥିବା ଜବର ଦଖଲକୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁସାରେ ନିପାଣିଆ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ କିଛି ବ୍ୟକ୍ତି ଦୀର୍ଘଦିନ ଧରି ଉଠା ଦୋକାନ କରି ନାନାଦି ସମସ୍ୟା ସୃଷ୍ଟି କରୁଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ। ଉକ୍ତ ଅଭିଯୋଗ ଆଧାରରେ ଗତ ଗୁରୁବାର ଘଷିପୁରା ତହସିଲଦାର ବାବୁଲୁ କୁମାର ପେରେଇ, ସ୍ଥାନୀୟ ରାଜସ୍ୱ କର୍ମଚାରୀ ଏବଂ ଆରକ୍ଷୀ ଅଧିକାରୀଙ୍କ ସହାୟତାରେ ଉକ୍ତ ଜବରଦଖଲ ଉଚ୍ଛେଦ କରିଥିବା ଜଣାପଡିଛି।

# ଖଣି ଅଞ୍ଚଳରେ କେସିସି ତରଫରୁ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର

କେନ୍ଦୁଝର: କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ରୋଗୀର ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ପରଖ କରିବାକୁ ଓ କରୋନା ଉପରେ ବିଜୟ ଲାଭ କରିବାକୁ ଶୁଆକାଟୀ ସ୍ଥିତ ଓଡିଶା ଖଣି ନିଗମ ଲୌହ ଖଣି ପରିସରରେ କଳିଙ୍ଗ କମର୍ସିଆଲ କର୍ପୋରେସନ ଲିଃ ଏବଂ ଆଇସିଆଇସିଆଇ ଲମବାର୍ଡ ର ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏହି ଚକ୍ଷୁ ଚିକିତ୍ସା ଶିବିରରେ ବିଶିଷ୍ଟ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଏହି ଶିବିରକୁ କେସିସି ର ସିଏମ୍‌ଡି ଡକ୍ଟର ସୌମ୍ୟରନ ସାମଲ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ଅର୍ଥଠାରୁ ଏହା ଢେର ଗୁରୁତ୍ୱ ରଖେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ଡଃ ଦେବାଶିଷ ଆଚାର୍ଯ୍ୟ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମନୋରନ ବୋଷ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କେସିସି ର ମାନବ ପ୍ରକଳ୍ପ ମୁଖ୍ୟ ଜି ଶ୍ରୀ କୁମାର, ଡାଇରେକ୍ଟର ଫାଇନାନ୍ସ ମନୋଜ ରନ ସାମଲ, ଏକଜିକ୍ୟୁଟିଭ ଡାଇରେକ୍ଟର ଅଭିଷେକ ଦେବୀଦତ୍ତ ସାମଲ, ଏଜିଏମ ଫାଇନାନ୍ସ ପବିତ୍ର କ୍ରିଷ୍ଣା ସାମଲ, ଏଚଆର ବିଭାଗର ଚିତ୍ତରନ ସ୍ୱାଇଁ, ସମ୍ବଳ ଅଧିକାରୀ କାଦର ଦାସ, ସୁନିତା କୁମାରୀ ରାଉତ, ସୁଶ୍ରୀ ସଙ୍ଗିତା ମହାପାତ୍ର, ଫାର୍ମାସିଷ୍ଟ ମନୋଜ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିରରେ ସହାୟତା କରିଥିଲେ।

# ଶ୍ରମିକନେତା ବ୍ରଜମୋହନ ସାମଲଙ୍କ ବିୟୋଗରେ ସ୍ମୃତିଚରଣ ସଭା

ଚଣ୍ଡିଖୋଲ:ବରିଷ୍ଠ ଶ୍ରମିକ ନେତା ତଥା ରାଜନେତା ବ୍ରଜମୋହନ ସାମଲଙ୍କ ବିୟୋଗରେ ଆଗାମୀ ବଡ଼ଚଣା ଫାଉଂଡେସନ ତରଫରୁ ଧାନମଣ୍ଡଳ ଠାରେ ଏକ ସ୍ମୃତିଚରଣ ସଭା ଅନୁଷ୍ଠିତ ହେଇଯାଇଛି. ସ୍ମୃତିଚରଣ ସଭାରେ ଆଗାମୀ ବଡ଼ଚଣା ର ଅଧକ୍ଷ ଅମ୍ବୁଜ କୁମାର ରାଉତ ଅଧକ୍ଷତା କରିଥିଲେ.ଏହି ସ୍ମୃତିଚରଣ ସଭା ରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ,ଶିବରାମ ସାହୁ ,ଅନିଲ ରାୟ,ଆଇନଜୀବୀ ନୀଳମାଧବ ସାମଲ ,ହୋଲି ଜେସସ ବିଦ୍ୟାଳୟର ଅଧକ୍ଷ ସୁଶ୍ରୀ କାମିନୀ ନାୟକ ,ରାହାସବିହାରୀ ଜେନା ,ବନମାଳୀ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସାମଲଙ୍କ ବହୁଗୁଣ ସମ୍ପର୍କରେ ଆଲୋଚନା କରିଥିଲେ .ସ୍ୱର୍ଗତ ସାମଲ ବଡ଼ଚଣା ବ୍ଲକ ପଲେଇ ଗ୍ରାମରେ ଜନ୍ମ ଗ୍ରହଣ କରି ଛତ୍ର ଜୀବନରୁ କଂଗ୍ରେସ ଦଳ ପ୍ରତି ଆକୃଷ୍ଟ ହେଇଥିଲେ.ବିଭିନ୍ନ କଳାକାରଖାନାରେ କାମ କରୁଥିବା ଶ୍ରମିକ ମାନଙ୍କର ସମସ୍ୟା କୁ ସରକାରଙ୍କ ଦ୍ୱାରା ସମାଧାନ କରିବା ପାଇଁ ସେ ଶ୍ରମିକ ନେତା ଭାବେ ନିଜର ଏକ ପରିଚୟ ସୃଷ୍ଟିକରିପାରିଥିଲେ .ପାରାଦୀପ ,ଚୌଦ୍ୱାର ,ରାଉରକେଲା ଆଦି ଶିଳ୍ପାଞ୍ଚଳ ରେ ଥିବା ଶ୍ରମିକ ସଂଗଠନର ଦାଇତ୍ୱ ନେଇ ସେମାନଙ୍କଂର ସମସ୍ୟା କୁ ସମାଧାନ କରିପାରିଥିଲେ.ନିକଟରେ ଥିବା କୋଣାର୍କ ଝୋଟକଳ ର ଶ୍ରମିକ ମାନଙ୍କର ବିଭିନ୍ନ ଦାବୀକୁ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଓ ତତ୍କାଳୀନ ଟ୍ରେଡ଼ ୟୁନିଅନ ର ସଭାପତି ସୀତାକାନ୍ତ ମହାପାତ୍ର ଙ୍କ ନିକଟରେ ଉପସ୍ଥାପନ କରି ସେମାନଙ୍କର ସମସ୍ୟାକୁ ସମାଧାନ କରିପାରୁଥିଲେ.ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଶାଢର ଲୋକମାନଙ୍କ ସେବା ରେ ନିଜକୁ ନିୟୋଜିତ କରିଥିଲେ ଓ ବଡ଼ଚଣା ମାଟି ତାଙ୍କ ଭଳି ଏକ ସୁପୁତ୍ର ଙ୍କୁ ହରାଇଲା ବୋଲି ସ୍ମୃତିସଭାରେ ବକ୍ତାମାନେ କହିଥିଲେ.ପ୍ରଥମେ ଅତିଥିମାନେ ତାଙ୍କ ଫଟଚିତ୍ରରେ ପୁଷ୍ପମାଲ୍ୟ ଓ ଧୂପଦୀପ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ ।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ




ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ। ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ। ନୂଆ କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ। ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି। ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ। ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ?ନ ବ୍ୟବସ୍ଥା ପ୍ରଭାବିତ ହେବ। ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ। ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ?ଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। କାରଣ କର୍ପୋରେଟ୍ ସେକ୍ଟରର ଏଜେ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ। ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଛିତ ଖାଦ୍ୟଶସ୍ୟକୁ ଚଢା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ। ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ। ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଭେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ୍‌ସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି। ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି। ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର – ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ?ୟସୀ ପ୍ରସଂଶା କରିଥିଲେ। ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର – ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର – ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ। ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ। ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର – ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ। ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ।

ଉଭୟ ପ୍ରକୃତ ଓ ୱ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ। ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର – ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ। ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲିପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।




# ମାନସିକ ରୋଗ ଓ ଚିକିତ୍ସକ



ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ। ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା। ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ। ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା। ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ। ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି। ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି। ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି। ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ। ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଭିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନଠାରୁ ପ୍ରାଥମିକତା ହୋଇଥାଏ। ରୋଗୀଟିର ଚିକିତ୍ସା ମାନସିକ ରୋଗ ଚିକିତ୍ସାର କଷ୍ଟଦାୟକ ପ୍ରସଙ୍ଗ ହେଉଛି ଯେ ଏ କ୍ଷେତ୍ରରେ ରୋଗୀଟି ନିଜେ କ'ଣ କରୁଛି, ତାହା ଚାରିପଟର ପୃଥିବୀ କିପରି ଆତଯାତ ହେଉଛି, ତା'ପାଇଁ ଦେବଦୂତ ପାଲଟିଥିବା ଚିକିତ୍ସକଟିଏ ହୁଅନ୍ତୁ ବା ଆତ୍ମୀୟସ୍ୱଜନ। କାହାଙ୍କୁ ଜାଣିବାର ସାମର୍ଥ୍ୟ ପାଇନଥାଏ। ମୋ ପିଲାଦିନରୁ ମୋ ବାପା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପାଖକୁ ଆସୁଥିବା ମାନସିକ ରୋଗୀମାନଙ୍କୁ ଦେଖି ଏ ବିଷୟରେ ଅଧିକ ଜାଣିବା ପାଇଁ ବହୁ ଗବେଷଣା କଲି। କେବଳ ମାନସିକ ରୋଗୀ ମାନଙ୍କ ପାଇଁ 'ମନକଥା ଜାଣନ୍ତୁ' ଶୀର୍ଷକ ପୁସ୍ତିକାରେ ସବିଶେଷ ମାନସିକ ଚିକିତ୍ସା କ୍ଷେତ୍ରର ମୂଲ୍ୟବାନ ପରାମର୍ଶ ଉଲ୍ଲେଖ କରିଛି। ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

**ଡାକ୍ତର ସମ୍ରାଟ କର,**
**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

## ଡଃ. କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ୮ମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା



କେନ୍ଦ୍ରାପଡା (ପିଏନ୍): ବଳଦେବ ଜୀଉ ବିଦ୍ୟାଭବନ ପରିସରରେ ବିଶିଷ୍ଟ ଶିକ୍ଷାବୀତ ତଥା ବିଜେଡି କଲେଜର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ଡଃ.କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ପୁରାତନ ଛାତ୍ରସଂସଦ ଓ ବଳଦେବଜୀଉ ବିଦ୍ୟାଭବନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭବାନୀ ପ୍ରସାଦ ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବୀତ ଈଶ୍ୱର ଚନ୍ଦ୍ର ସାହୁ, କୁଳମଣୀ ନାୟକ, ଡା. ନିରଞ୍ଜନ ପରିଡା, ପଣ୍ଡିତ ହୃଷିକେଶ ର. ବିଜୟ କେତନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସ୍ତିଆଙ୍କ ସ୍ମୃତିଚାରଣ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରି ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ସାହୁ, ଶାନ୍ତିଲତା କର, ଅଧାପକ ଅଶୋକ କୁମାର ଦାସ, ଗଦାଧର ବେହେରା, ଡଃ.ସ୍ମୃତିରଞ୍ଜନ ବେହେରା, ଗୌରାଙ୍ଗ ଚରଣ ସାହୁ, ଗଙ୍ଗାଧର ସାହୁ, ଭୈରବାନନ୍ଦ ସାମଲ, ଅଧକ୍ଷ ଲକ୍ଷ୍ମୀଧର ପଲାଇ, ଦିନବନ୍ଧୁ ଲେଙ୍କା, କ୍ଷୀରୋଦ ବେହେରା, ସ୍ୱାଗତିକା ଓଝା, ମଞ୍ଜୁଲତା ପ୍ରଧାନ, ଶିକ୍ଷକ ମଧୁସୁଦନ ବେହେରା, ଡଃ. ପ୍ରଭାକର ମଲ୍ଲିକ, ଉତ୍ତମଚରଣ ପ୍ରଧାନ, ନିରାକାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧୁସୁଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ



କେନ୍ଦ୍ରାପଡା (ପିଏନ୍): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ସବୁବେଳେ ଅସହାୟ ଲୋକମାନଙ୍କୁ ସହାୟତାର ହାତ ବଢାଇଥାଏ । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଡଃ. ଦେବେନ୍ଦ୍ର କୁମାର ଦାସ ସୁଦୂର ଆମେରିକାରେ ଥାଇ ମଧ ବଡହାଟ ଇମାମବାଡାରେ ଅଗ୍ନିବିପନ୍ନଙ୍କ ସମ୍ପର୍କରେ ଖବରପାଇ ତୁରନ୍ତ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଟ୍ରଷ୍ଟର ସଂଯୋଜକ ତଥା ଜନସେବକ ପ୍ରଦୀପ କୁମାର ମହାନ୍ତିଙ୍କୁ ଅନୁରୋଧ କଲେ । ସଂଯୋଜକ ଶ୍ରୀ ମହାନ୍ତି ସଦସ୍ୟ ଚିତ୍ତରଞ୍ଜନ ଦାସଙ୍କ ସହ ବିପନ୍ନ ପରିବାରଙ୍କ ପାଖରେ ପହଁଚି ସେମାନଙ୍କୁ ଶାନ୍ତ୍ୱନା ପ୍ରଦାନ କରି ଷ୍ଟୋଭ, ବିସ୍କୁଟ, ଚୁଡା, ଶାଢୀ ଓ ଲୁଙ୍ଗି ପ୍ରଭୃତି ସହାୟତା ଦେଇ ଏଭଳି ବିପତ୍ତି ସମୟରେ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବିପନ୍ନ ପରିବାରଗୁଡିକୁ ସରକାରୀ ଯୋଜନାର ଅନ୍ତର୍ଭୁକ୍ତ କରି ସେମାନଙ୍କୁ ପକ୍କାଘର ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେକ ଫାରୁକ ସହଯୋଗ କରିଥିଲେ।

# ରାଜ୍ୟ ସରକାରଙ୍କ ଅବହେଳାରୁ ଜଙ୍ଗଲ ଲୋପ ପାଇ ଚାଲିଛି

ଭୁବନେଶ୍ୱର (ଓଏନ୍ଏସ୍): କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଡ଼େରାଡୁନ୍‌ଠାରେ ଥିବା ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଂଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୮୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହୁଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ହଜାର ବର୍ଗ କି.ମି. ଜଙ୍ଗଲ ଥିବାନେଇ ସନ୍ଦେହ ରହିଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲ୍ଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଂଚଳରେ ଲୁଣା ଜଙ୍ଗଲ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇ ସାରିଛି। ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା। ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ, ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡ଼ିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍‌ସପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋରଷ୍ଟେସନ୍ ଡ଼ିଭିଜନ୍ ଖୋଲିଲେ। ଅର୍ଥାତ୍ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋଗାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡ଼ିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁ ବର୍ଷ ତାପମାତ୍ରା ବଢିଲା। ଭବିଷ୍ୟତରେ ଭୟାବହତାର ଆଶଙ୍କା କରାଗଲା। ଆଉ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷ ଜନକ ପଦକ୍ଷେପ ନେଇ ପାରୁ ନଥିବାବେଳେ ୧୯୮୪ରେ ସୁଇଡ଼େନ୍ ସରକାର ରାଜ୍ୟରେ ଆରମ୍ଭ କଲା, "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ଜଣେ ପ୍ରିନ୍‌ସପାଲ୍ ସିସିଏଫ୍‌ଙ୍କ ଦ୍ୱାରା ଜଙ୍ଗଲ ବିଭାଗ ପରିଚାଳିତ ହେଲେ ମଧ୍ୟ ଭିନ୍ନ ଭିନ୍ନ ଜଙ୍ଗଲ ସଂପଦକୁ ଅଲଗା ଅଲଗା କରାଯିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇବା ସହ ଜଙ୍ଗଲ ସଂପଦର ସୁରକ୍ଷା ହୋଇ ପାରିବ ବୋଲି ଲକ୍ଷ୍ୟ ରଖା ଯାଇଥିଲା। ମାତ୍ର ଆଜି ସରକାର ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବାରେ ବିଫଳ ହୋଇଛନ୍ତି। ଜଙ୍ଗଲ କ୍ଷୟ ଅବ୍ୟାହତ ଥିବାବେଳେ ସାମାଜିକ ବନ୍ୟ ପ୍ରକଳ୍ପ ବିଫଳ ହୋଇଛି। ଜଙ୍ଗଲ ସଂପଦ ଉତ୍ପାଦନ ହ୍ରାସ ପାଇଛି ଓ ଜଙ୍ଗଲ ମାଫିଆ ତଥା କର୍ମଚାରୀଙ୍କ ଦ୍ୱାରା ମୂଲ୍ୟବାନ୍ ଜଙ୍ଗଲ ସଂପଦ ଆଖିବୁଜା ଲୁଟ୍ ହେଉଛି ଏବଂ ବହୁ ସଂଖ୍ୟାରେ ଜଙ୍ଗଲ ପ୍ରାଣୀ ଅକାଳ ମୃତ୍ୟୁ ବରଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧଳା ହରିଣ, କଇଁଛ, କୁମ୍ଭୀର ଓ ବାରହାଙ୍କର ସୁରକ୍ଷା ଓ ସେମାନଙ୍କର ବଂଶ ବୃଦ୍ଧି ପାଇଁ ରାଜନଗର ୱାଇଲଡ଼ ଲାଇଫ୍ ଡ଼ିଭିଜନ୍ ଖୋଲାଯାଇ ଥିବାବେଳେ ଟାଇଗର୍ ପ୍ରକଳ୍ପ ପାଇଁ ସିମିଳିପାଳ ଅଭୟାରଣ୍ୟ ବା ୱାଇଲଡ଼ ଲାଇଫ୍ ଡ଼ିଭିଜନ୍ ତଥା ହାତୀ, ବାଘ, ଗୟଳ, ସମ୍ବର ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ଉଦ୍ୟାନ ପ୍ରାୟ ୬୬୬୭.୫୦ବର୍ଗ କି.ମି. ଅଂଚଳରେ ପ୍ରତିଷ୍ଠା କରାଯାଇଥିଲା। ବିଭାଗୀୟ ଅବହେଳା ଓ ସୁରକ୍ଷା ଅଭାବରୁ ଅକାଳ ହାତୀ ମୃତ୍ୟୁ ଘଟଣା ବଢିଚାଲିଛି। ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରିଚାଳନାରେ ବ୍ୟାପକ ତୃଟି ରହୁଥିବାରୁ କୁମ୍ଭୀର, ଅଲିଭ୍ ରିଡ଼ଲେ କଇଁଛ, ବିଦେଶୀ ପକ୍ଷୀ, ବାରହା ଓ ଧଳା ହରିଣ ଆଦି ଜୀବଜନ୍ତୁ ତଥା ସରୀସୃପ ଅସୁରକ୍ଷା ବଳୟ ଭିତରେ ରହୁଛନ୍ତି। କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ଯୋଗୁ କ୍ରମେ ଏଠାକୁ ଆସୁଥିବା କଇଁଛଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଉଛନ୍ତି। ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାୟ ୫୦ହଜାର ହେକ୍ଟର ଅଂଚଳରେ ବୃକ୍ଷରୋପଣ କରାଯାଇଥିବା ବେଳେ ୪୦ହଜାର ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୫ହଜାର ହେକ୍ଟର ବେଳାଭୂମିରେ ଝାଉଁ ବୃକ୍ଷ ରୋପଣ ଓ ବ୍ୟକ୍ତିବିଶେଷଙ୍କ ବାଡ଼ି ବଗିଚାରେ ବୃକ୍ଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପର ସ'ଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେହେତୁ କେତେକ କାର୍ଯ୍ୟକ୍ରମ ଖାତାପତ୍ର ବା ଘୋଷଣାରେ ସୀମିତ ରହିଥିବାବେଳେ ଆଉ କେତେକ କାର୍ଯ୍ୟକାରୀତାରେ ଅନିୟମିତତା ରହିଛି। ସରକାର ଆନ୍ତରିକତାର ସହ ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଜଙ୍ଗଲ ସଂପଦରୁ ରାଜ୍ୟ ସରକାରଙ୍କର ଆୟ ଧାର୍ଯ୍ୟଲକ୍ଷ୍ୟରୁ ବହୁ କମ୍ ରହୁଛି। ସରକାର ଦୃଷ୍ଟି ଦେଲେ, ରାଜ୍ୟରେ କେନ୍ଦୁପତ୍ରରୁ ବର୍ଷକୁ ଅତିରିକ୍ତ ୨୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ ପାରନ୍ତା।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରତିକାନ୍ତ ହେଲେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ଯୁବକଂଗ୍ରେସ ସଭାପତି



କେନ୍ଦ୍ରାପଡା (ପିଏନ୍): ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ. ସ୍ମୃତିରଞ୍ଜନ ଲେଙ୍କା କେନ୍ଦ୍ରାପଡାର ଯୁବ ସଂଗଠକ ରତିକାନ୍ତ ସାମଲଙ୍କୁ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ଯୁବ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଯୁବନେତା ଶ୍ରୀ ସାମଲଙ୍କ ଉପରେ ଭରସା କରି ତାଙ୍କୁ ଏଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆର ସାଧାରଣ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।

## ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନା ଅଧିକାରୀଙ୍କୁ କୋଭିଡ ଯୋଦ୍ଧା ସମ୍ମାନ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର କାଳନ୍ଦି ବେହେରାଙ୍କୁ କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି । କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା ସଂସଦ ପକ୍ଷରୁ ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଶ୍ରୀ ବେହେରାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସଭ୍ୟ ଚିତ୍ତରଞ୍ଜନ ଦାସ ଓ ଗୌରାଙ୍ଗ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ବୈଠକ

ଭୁବନେଶ୍ୱର (ପିଏନ୍)-ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ତରଫରୁ ଭୁବନେଶ୍ୱର ଜିଲ୍ଲା, ଜୋନ ଏବଂ ୱାର୍ଡ଼ ସଂଯୋଜକମାନଙ୍କର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ଅଧକ୍ଷ ଡ. ପ୍ରଦୀପ୍ତ ନନ୍ଦ ସଭାପତିତ୍ୱ କରିଥିଲେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ତିନୋଟି ଜୋନର ସଂଯୋଜକ ଯଥା: ଉତର ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀଯୁକ୍ତ ଲୋକନାଥ ଦାଶ, ଏକ୍ରାମ ନିର୍ବାଚନ ମଣ୍ଡଳୀର ସଂଯୋଜକ ଶ୍ରୀ ମଂଟୁ ମଲ୍ଲିକ, ମଧ ନିର୍ବାଚନ ମଣ୍ଡଳୀର ସଂଯୋଚକ ଶ୍ରୀ ତ୍ରିନାଥ ସାହୁ ଏବଂ ପ୍ରତ୍ୟେକ ୱାର୍ଡର ସଂଯୋଜକମାନେ ସାଂଗଠନିକ ଆଲୋଚନାରେ ଭାଗନେଇଥିଲେ। ଭୁବନେଶ୍ୱର ଜିଲ୍ଲାରେ କିପରି ଭାବରେ କଂଗ୍ରେସ କାର୍ଯ୍ୟକତ୍ତ୍ରର ମୂଳଧାରା ଲୋକଙ୍କର ସେବା ଓ ଗାନ୍ଧୀଙ୍କ ଚିନ୍ତାଧାରାର ସମାଜ ଗଠନ ଏବଂ ସମାଜରେ ଥିବା ଭୁଲ ଲୋକଙ୍କଠାରୁ ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ଏବଂ ସୁସ୍ଥ ସମାଜ ଗଠନରେ କଂଗ୍ରେସ କର୍ମୀ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ କୁନାଲ ବାର୍ନାଜୀ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଓବିସି ବିଭାଗର ଶ୍ରୀ ରାଜକିଶୋର ବାରିକ, ଓଡ଼ିଶା ଆରଜିପିଏସର ଅଧକ୍ଷ ଶ୍ରୀ ସୁଦର୍ଶନ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ମନୋରଂଜନ ଦାଶ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଜୟକୃଷ୍ଣ ସୁବୁଦ୍ଧି, ଶତୃଘନ ବେହେରା, ସଂଜୀବ ମହାନ୍ତି, ମନୋରଂଜନ ରାଉତରାୟ, ଉମେଶ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ନିଷ୍ପତି ନିଆଗଲା ଯେ କିପରି ଖୁବଶୀଘ୍ର ପ୍ରତ୍ୟେକ ୱାର୍ଡରୁ ପଂଚାୟତିରାଜ ସଂଗଠନକୁ ସୁଦୃଢ଼ ଏବଂ ସଂଗଠିତ କରାଯିବ ସେଥିନେଇ ଆଲୋଚନା ହୋଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଯାଜପୁର (ପିଏନ୍): ଯାଜପୁର ବ୍ଲକ ଜାହାନପୁର ଗ୍ରାମପଞ୍ଚାୟତର ବଖାଣପୁର ଗ୍ରାମର ବିଶିଷ୍ଟ ସଂସ୍କୃତି ପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ପଦ୍ମଲୋଚନ ଭଦ୍ରଙ୍କ ଗତ ତା୦୨.୦୨.୨୦୨୧ ରିଖ ଦିବା ୧ ଘଟିକା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ସଂସ୍କୃତିପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ଗ୍ରାମ ବଖାଣପୁରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଓ ଧର୍ମ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ କରି ସେଠାକାର ଅଞ୍ଚଳରେ ନିଜକୁ ଉଚ୍ଚ ସମ୍ମାନରେ ରଖିପାରିଥିଲେ। ସେ ଜୟଦୁର୍ଗା କିର୍ତ୍ତନ ମଣ୍ଡଳୀର ସଭାପତି ଭାବେ ଦୀର୍ଘଦିନ ଦାୟିତ୍ୱରେ ରହି ସୁରରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ବଖାଣପୁର ଅଞ୍ଚଳ ସମେତ ଆଖପାଖ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ରୁଣ୍ଡ ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପରିବାରର ପୁଅ, ବୋହୂ, ନାତି, ନାତୁଣି ଓ ସମସ୍ତ ପରିବାର ଉପସ୍ଥିତ ଥିଲେ। ସେ ମେଳାପି ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁରେ ମନୋଜ ରାଉତ, ସନ୍ତୋଷ ନନ୍ଦ, ଗଦାଧର ଦାସ, କାହ୍ନୁ ଚରଣ ସ୍ୱାଇଁ, ମାନସ ରଞ୍ଜନ ପଣ୍ଡା, ଜାହାନପୁର ସରପଞ୍ଚ ସୁଧାଂଶୁ ଆଚାର୍ଯ୍ୟ, ପୁର୍ଣ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ପଣ୍ଡା, ଶିବପ୍ରସାଦ ଖିଲାର, ବିଳାସ ରାଉତ, ବିଦ୍ୟାଧର ରାଉତ, ବିରେନ ନାୟକ, ବିରେନ ମହାନ୍ତି, ଚୈତନ୍ୟ ପ୍ରଧାନ ପ୍ରଭୃତି ଶୋକ ବ୍ୟକ୍ତ କରିଛନ୍ତି।

## କପାଳେଶ୍ୱର ଗାଁ କଲ୍ୟାଣ ସମିତିର କରୋନା ସଚେତନତା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗାଁ କଲ୍ୟାଣ ସମିତିର କୋଭିଡ-୧୯ରେ ଗ୍ରାମ୍ୟ ନିରିକ୍ଷଣ ଓ ୱାର୍ଡ ନିରିକ୍ଷଣ କମିଟିର ସଭ୍ୟସଭ୍ୟାମାନଙ୍କୁ ନେଇ ଆଗାମୀ ଦିନରେ କରୋନା ସଚେତନତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ମୁଖ୍ୟ ଅତିଥି ଓ ବ୍ଲକ ଉପସଭାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ୱାର୍ଡସଭ୍ୟ ଓ ଭଦ୍ରବ୍ୟକ୍ତି ମଲ୍ଲିକ ଅଲିଜାନ, କେ. ଗୌରୀରାଓ, ସେକ ଅୟୁନୁଲ ଇସଲାମ, ସୟଦ ସମସେର ଅଲ୍ଲୀ, ଏମଡି. ପରୱେଜ ସଜାଦ, ରାମଚନ୍ଦ୍ର ସାହୁ, ମୀର ସଫିକ, ଅବଦୁଲ ସଲିମ, ଅବଦୁଲ କଲାମ, ଦାମୋଦର ସାହୁ, ଅକ୍ଷୟ କୁମାର ଦାସ, ସଂଗ୍ରାମକେଶରୀ ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ କୁମୁଦିନି ମହାନ୍ତି, ସମସେରା ବେଗମ, ବାସନ୍ତି ସାହୁ, ଗୀତାଞ୍ଜଳି ମହାନ୍ତି, ଭାରତୀ ମଲ୍ଲିକ, ସହାୟିକା ସାବିତ୍ରୀ ଦାସ, ନଗମା ବିବି, କଇନାରାଣୀ ପାତ୍ର, ଆଶାକର୍ମୀ କଳ୍ପନା ମହାନ୍ତି ଓ ପୁଷ୍ପଲତା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଓଡିଶା ରାଜ୍ୟ ସ୍କାଉଟସ୍ ଓ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକ ତଥା ସାହିତ୍ୟ ଭୂଷଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡିତ ରଘୁନାଥ ମିଶ୍ରଙ୍କର ୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ମୁଖ୍ୟାଳୟ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସଭାଟିକୁ କରୋନାର ନିୟମାବଳୀ ଅନୁଯାୟୀ ସମଦୂରତା ରକ୍ଷାକରି, ସାନିଟାଇଜର ବ୍ୟବହାର ଏବଂ ମୁହଁରେ ମାସ୍କ ଲଗାଇ ପାଳନ କରାଯାଇଥିଲା। ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି ସଭାରେ ସହଯୋଗିତା ରହିଥିଲେ।




# ଗଜପତି ଜିଲ୍ଲାବାସୀଙ୍କ ଠାରେ ସର୍ବାଧିକ ୬୫% ଆଂଟିବଡ଼ି

ଭୁବନେଶ୍ୱର,(ପିଏନ)–ସେରୋ ସର୍ଭେରୁ ମିଳିଥିବାତଥ୍ୟ ଅନୁଯାୟୀ ଗଜପତି ଜିଲ୍ଲାରେ ସର୍ବାଧିକ ୬୫ ପ୍ରତିଶତ ଆଂଟିବଡ଼ି ସୃଷ୍ଟି ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍ଆରସି ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ସେରୋ ସର୍ଭେ ସମ୍ପର୍କରେ ସେ କହିଛନ୍ତି ଯେ,୧୫ ସେପ୍ଟେମ୍ବରରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଆରଏମ୍ଆରସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧ୍ୟରୁ ୫୩୧ ଜଣ ଏହିପରି ସମୁଦାୟ ୧୫୧୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଏହି ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ ଗଜପତି ଜିଲ୍ଲାରେ ୬୪.୬୭ ପ୍ରତିଶତ ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି । କୋଭିଡ୍ ଯୋଦ୍ଧାମାନଙ୍କ ମଧ୍ୟରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ୫୦ ପ୍ରତିଶତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥିବାର ଜଣାପଡ଼ିଛି । ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧ୍ୟରେ ଏହି ଫଳାଫଳ ସର୍ବାଧିକ ।୯୫ ପ୍ରତିଶତ ଲୋକଙ୍କ ମଧ୍ୟରେ କୌଣସି ଲକ୍ଷଣ ନଥିଲା । ପ୍ରଥମ ଥର ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଥିବାର ଜଣାପଡ଼ିଛି ।ଅନ୍ୟପକ୍ଷରେ ଅକ୍ଟୋବର ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ଏପରି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ୍ୟ ଏହି ସେରୋ ସର୍ଭେ କରାଯିବ ବୋଲି ଡା. ପତି ସୂଚନା ଦେଇଛନ୍ତି ।

## ମହିଳାଙ୍କ ଫଟୋ ଭାଇରାଲ କରି ଜେଲ ଗଲେ ଶିକ୍ଷକ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ପଂଚାୟତ କୁହାରା ଗ୍ରାମସ୍ଥିତ ଲଡୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନକୁଳ ପ୍ରଧାନ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ମୋବାଇଲରେ ଭାଇରାଲ କରି ଜେଲ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସଂପୃକ୍ତ ଶିକ୍ଷକ ଜଣଙ୍କ ସପରିବାର ସହ ନୟାଗଡ ଜିଲ୍ଲା ଅଧିନ ଇଟାମାଟି ଗ୍ରାମରେ ରହୁଥିବା ବେଳେ ଗତ ୨ବର୍ଷ ଧରି ଜଣେ ମହିଳାଙ୍କ ସହ ତାଙ୍କର ସଂପର୍କ ଗଢି ଉଠିଥିଲା । ଏବେ ସେ ମହିଳା ଜଣଙ୍କ ନୟାଗଡ ଜିଲ୍ଲାର ଶରଣକୂଳ ଥାନା ଅଂଚଳରେ ବିବାହ କରିଥିବା ଜଣାପଡିଛି । ଉକ୍ତ ମହିଳାଙ୍କ ସ୍ୱାମୀ ଘଟଣା ସଂପର୍କରେ ଅବଗତ ହେବା ପରେ ସଂପୃକ୍ତ ଶିକ୍ଷକଙ୍କୁ ତାଗିଦ କରିବା ସହ ଶରଣକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ଛୁଟୁ ସାହି ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ, ଚିପିଣ୍ଡା ଫୁଟବଲ ଟିମ୍ ଚମ୍ପିଆନ,ଗୁଆଲି ଟିମ୍ ରନର୍ସଅଫ୍

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ବାଲିବନ୍ଧ ଗ୍ରାମ ପଂଚାୟତ କାଶିପାଳ ଛୁଟୁ ସାହି ଖେଳ ପଡିଆ ଠାରେ ରବିବାର ଦିନ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ୩ତାରିଖ ଦିନ ଫୁଟବଲ ଟୁର୍ଣ୍ଣାମେଂଟର ଉଦ୍‌ଘାଟନି ଉତ୍ସବରେ ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳ କୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । କାଶିପାଳ ଛୁଟୁ ସାହିର ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଆୟୋଜିତ ୬ଷ୍ଠ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଂଟ ରେ କେନ୍ଦୁଝର ,ସୁନ୍ଦରଗଡ,ମୟୁରଭଞ୍ଜ ଜିଲ୍ଲା ସହିତ ସୁଦୁର ଝାଡଖଣ୍ଡ ରାଜ୍ୟ ର ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ । ଏହି ତ୍ରି ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟରେ ଗ୍ରୁପ୍ -ଏ, ବି, ସି ଏବଂ ଗ୍ରୁପ୍ -ଡି ମୋଟ ୩୨ ଗୋଟି ଫୁଟବଲ ଟିମ୍ ଅଂଶଗ୍ରହଣ କରି ଶାନ୍ତି-ଶୃଙ୍ଖଳାର ସହିତ ସୁନ୍ଦର ଭାବେ ଖେଳ ପ୍ରଦର୍ଶନ କରିଥିଲେ । ଖେଳ ଦେଖିବା ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଦର୍ଶକଙ୍କ ସାମାଗମ ହେଉଥିବା ଦେଖିବାକୁ ମିଳିଛି । ଫାଇନାଲ ମ୍ୟାଚ ଚିପିଣ୍ଡା ଫୁଟବଲ ଟିମ୍ ସହିତ ଗୁଆଲି ଟିମ ର କାଡା ମୁକାବିଲା ହୋଇ ମ୍ୟାଚ ଡ୍ର ହୋଇଥିଲା । ଶେଷରେ ୨/୧ ପେଲାଂଟି ଗୋଲରେ ଚିପିଣ୍ଡା ଦଳ ବିଜୟ ଲାଭ କରିଥିଲେ । ଖେଳ କୁ ଶାନ୍ତି ଶୃଙ୍ଖଳା ରସହିତ ପରିଚାଳନା କରିବା ନିମନ୍ତେ ୪ଜଣ ରେଫରି ନିଯୁକ୍ତ ରହିଥିବା ବେଳେ ଜ୍ୟୋତି ରଂଜନ ଆପଟ (ବୁଲବୁଲ ) ଏବଂ ବାରିଆ ସୋରେନ ଫୁଟବଲ ଖେଳ ର ଧାରା ବିବରଣୀ ଖୁବ୍ ସୁନ୍ଦର ଭାବେ ଉପସ୍ଥାନା କରିଥିଲେ । ଏହି ତ୍ରି ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ର ଉଦ୍‌ଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର ଯୋଗ ଦେଇଥିବା ବେଳ ସମ୍ମାନୀତ ଅତିଥି ଭାବେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଆପଟ, ବ୍ଲକ ସଭାପତି ମହମ୍ମଦ କଫିଲ ଆନସାରୀ,ତାରିଣୀ ପ୍ରସାଦ ପଟ୍ଟନାୟକ, ପଂଚାୟତ ସଭାପତି ରମେଶ ମାଝୀ, ଅବଦୁଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । କମିଟି ପକ୍ଷରୁ ଚମ୍ପିଆନ ହୋଇଥିବା ଚିପିଣ୍ଡା ଦଳ କୁ ୧୫ହଜାର ଟଙ୍କା ସହିତ ଏକ ଖାସି ଛେଳି , ରନସଅଫ ଦଳ କୁ ୧୦ ହଜାର ଟଙ୍କା ସହିତ ଖାସି ଛେଳି, ୩ୟ ସ୍ଥାନ ଅଧିକାର କରିଥିବା କସିରା ଦଳ କୁ ୭ହଜାର ଟଙ୍କା ଏବଂ ୪ର୍ଥ ସ୍ଥାନ ଅଧିକାର କରିଥିବା ଏମକେଏମଡି ଦଳ କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

# ସଟସର୍କିଟ ଯୋଗୁ ୧୦୮ ଆମ୍ବୁଲାନ୍ସରେ ଅଗ୍ନିକାଣ୍ଡ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ସହରର କଜଳା ପେଟ୍ରୋଲ ପମ୍ପ ନିକଟରେ ସୋମବାର ପୂର୍ବାହ୍ନରେ ଏକ ୧୦୮ ଅମ୍ବୁଲାନ୍ସରେ ସଟସର୍କିଟ ଯୋଗୁ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଡ୍ରାଇଭର ସିଟ ସମେତ ଗାଡି ଇଞ୍ଜିନର କେତେକ ଯନ୍ତାଂସ ପୋଡିଯାଇଥିବା ଦେଖିବାକୁ ମିଳିଛି । ସଂପୃକ୍ତ ଆମ୍ବୁଲାନ୍ସଟି କଟକରେ ରୋଗୀଙ୍କୁ ଛାଡି କେନ୍ଦ୍ରାପଡା ଫେରୁଥିବା ବେଳେ ଏଭଳି ଘଟଣା ଘଟିଛି ।

# ଜିଲ୍ଲା ଖଣିଜ ପାଣ୍ଠିର ଦୁରୁପୋଯୋଗ ଓ ସ୍ୱଳ୍ପ ବ୍ୟବହାର ଗାଁ ତଥା ପଂଚାୟତ ବିକାଶରେ ପ୍ରଥମ ବାଧକ

ଭୁବନେଶ୍ୱର : ଓଡ଼ିଶାରେ ଜିଲ୍ଲା ଖଣିଜ ପାଣ୍ଠିର ବ୍ୟାପକ ମାତ୍ରାରେ ଦୁରୁପୋଯୋଗ ଓ ଜିଲ୍ଲା ଖଣିଜ ପାଣ୍ଠି ଆଇନ ୨୦୧୫ ର ଖୋଲାଖୋଲି ଉଲଙ୍ଘନ ହେତୁ, ଖଣି ଖାଦାନ ସମୃଦ୍ଧ ଜିଲ୍ଲା ଗୁଡ଼ିକରେ ଥିବା ପଂଚାୟତ ଏବଂ ରାଜସ୍ୱଗ୍ରାମ ଗୁଡ଼ିକର ବିକାଶ ପୂର୍ଣ୍ଣମାତ୍ରାରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରିଛି କଂଗ୍ରେସ । ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ପ୍ରଶାନ୍ତ ଶତପଥି ଏ ନେଇ ରାଜ୍ୟ ବିଜେଡ଼ି ସରକାରଙ୍କର ମନମୁଖି କାର୍ଯ୍ୟକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଜିଲ୍ଲା ଖଣିଜ ପାଣ୍ଠି ଆଇନ ଆସିଥିଲା ତାହାର ଖୋଲାଖୋଲି ଉଲଙ୍ଘନ ଯୋଗୁଁ ଖଣିଜ କାର୍ଯ୍ୟ ଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମ ଗୁଡ଼ିକର ବିକାଶର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନାହିଁ । ଜିଲ୍ଲା ଖଣିଜ ପାଣ୍ଠି ଆଇନ ୨୦୧୫ ମୁତାବକ ପ୍ରଭାବିତ ଗ୍ରାମପଂଚାୟତର ଅଧିବାସୀଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପିଇବାପାଣିର ବ୍ୟବସ୍ଥା, ରାସ୍ତା ନିର୍ମାଣ, ଜଳସେଚନ ଆଦି ବିକାଶ ମୂଳକ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଖଣିଜ ପାଣ୍ଠିରେ ମହଜୁଦ ଥିବା ଅର୍ଥକୁ ବିନିଯୋଗ କରି କରାଯିବା ଉଚିତ୍ । କିନ୍ତୁ ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ରୁଲ-୧୦ / ୧୧ /୧୨ / ୧୬ ର ଖୋଲାଖୋଲି ଉଲ୍ଲଙ୍ଘନ କରି ଅନ୍ୟବାଦରେ ଖର୍ଚ୍ଚ କରୁଛନ୍ତି ଯାହା ସଂପୂର୍ଣ୍ଣ ରୂପେ ବେଆଇନ । ଉଦାହରଣସ୍ୱରୂପ ରାଜ୍ୟ ସରକାରଙ୍କ ବାର୍ଷିକ କ୍ରୀଡ଼ା ବଜେଟରେ ଅର୍ଥର ବ୍ୟବସ୍ଥା ଥିବା ସ୍ୱତେ ରାଉରକେଲା ଠାରେ ଆର୍ନ୍ତଜାତୀୟ ହକି ଷ୍ଟାଡିୟମ ନିର୍ମାଣ ପାଇଁ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ଖର୍ଚ୍ଚ କରିବା କେତେଦୁର ସମୀଚିନ । ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ପୋଲିସ ବିଭାଗ ପାଇଁ ୨୫ଟି ଗାଡ଼ି କିଣାଯିବା ତଥା ସର୍କିଟ ହାଉସର ପାଚେରୀ ନିର୍ମାଣ ଆଦି କାର୍ଯ୍ୟ ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାର ବିନିଯୋଗ ସଂପୂର୍ଣ୍ଣ ରୂପେ ବେଆଇନ ଅଟେ । ୨୦୧୭ ମସିହାରେ ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାରେ ଝାରସୁଗୁଡ଼ା ବିମାନବନ୍ଦରକୁ ପାୱାର ସପ୍ଲାଏ ପାଇଁ ଖର୍ଚ୍ଚ କରିବା ଉକ୍ତ ଅର୍ଥର ଦୁରୁପୋଯୋଗର ଆଉ ଏକ ଉଦାହରଣ । ସ୍ମାର୍ଟ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା ପାଇଁ ମଧ୍ୟ ଜିଲ୍ଲା ଖଣିଜ ପାଣ୍ଠି ଟଙ୍କାର ଦୁରୁପୋଯୋଗ ହେଉଛି । ଯେତେବେଳେ କି ଆଇନରେ ନିର୍ଦ୍ଦିଷ୍ଟ ଭାବରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କା କେବଳ ଖଣି କାର୍ଯ୍ୟରେ ସିଧାସଳଖ ପ୍ରଭାବିତ ଗ୍ରାମପଂଚାୟତ ଓ ତା ଭିତରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକର ଗ୍ରାମବାସୀଙ୍କ ଉନ୍ନତି ମୂଳକ କାର୍ଯ୍ୟରେ ହିଁ ବିନିଯୋଗ କରାଯିବ । ଏତଦ୍‌ବ୍ୟତୀତ ସାମାଜିକ ଓ ଅର୍ଥନୈତିକ ବିକାଶମୂଳକ କାର୍ଯ୍ୟ କରିବା ପୂର୍ବରୁ ଉକ୍ତ ଅଂଚଳର ଗ୍ରାମ ସଭାର ଅନୁମୋଦନ ଏକାନ୍ତ ଆବଶ୍ୟକ । କିନ୍ତୁ ଯେଉଁ ହାତଗଣତି ଅଳ୍ପ କିଛି ବିକାଶ ହେଉଛି ସେ ସବୁ ପାଇଁ ଶାସକ ଦଳର ନେତା ଓ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ଅଫିସର ମାନଙ୍କ ଇଚ୍ଛା ଅନୁସାରେ କରାଯାଉଛି ଏବଂ କାର୍ଯ୍ୟ କରାଯାଉଥିବା ଅଂଚଳର ଗ୍ରାମସଭା ଓ ନାଗରୀକ ସମାଜର ଅନୁମୋଦନ ନିଆଯାଉ ନାହିଁ । କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ବକ୍ତବ୍ୟ ଅନୁସାରେ ଓଡ଼ିଶା ୨୦୧୫ ଠାରୁ ଅଦ୍ୟାବଧି ୧୧୯୮୪ କୋଟି ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି ବାବଦରେ ପାଇଛି । ଜିଲ୍ଲା ଖଣିଜ ପାଣ୍ଠିରେ ଥିବା ଅର୍ଥ ରାଜ୍ୟ ବଜେଟର ବ୍ୟୟବରାଦ ଭିତରେ ଆସେନାହିଁ । ତେଣୁ ଏ ଅର୍ଥକୁ ଅନ୍ୟବିଭାଗ ପାଇଁ ଖର୍ଚ୍ଚ କରିବା ସଂପୂର୍ଣ୍ଣ ଭାବରେ ଆଇନର ବିରୁଧାଚରଣ କରୁଛି । ରାଜ୍ୟ ସରକାର ପ୍ରତ୍ୟେକ ବିଭାଗ ପାଇଁ ବର୍ଷ ଆରମ୍ଭରୁ ବଜେଟରେ ଅର୍ଥର ବ୍ୟବସ୍ଥା କରିଥାନ୍ତି ଏବଂ ଅର୍ଥ ସଚିବଙ୍କ ଚିଠିକୁ ଅନୁଧାନ କଲେ ଜଣାଯାଏ ଯେ ବଜେଟରେ ଥିବା ଅର୍ଥକୁ ସରକାରୀ ବିଭାଗ ଗୁଡ଼ିକ ସଂପୂର୍ଣ୍ଣରୂପେ ଖର୍ଚ୍ଚ କରିବାରେ ସମର୍ଥ ହୁଅନ୍ତି ନାହିଁ । ତେଣୁ ସରକାର ବିଭାଗୀୟ ଅର୍ଥରେ ବିଭିନ୍ନ ଯୋଜନା ଗୁଡ଼ିକର କାର୍ଯ୍ୟ ସଂପାଦନ କରନ୍ତୁ ଏବଂ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ଅପବ୍ୟୟ ନକରି ନିର୍ଦ୍ଦିଷ୍ଟ ଭାବରେ ଖଣି କାର୍ଯ୍ୟଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମଗୁଡ଼ିକର ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଶ୍ରୀ ଶତପଥି ଆହ୍ୱାନ ଦେଇଛନ୍ତି । ଖଣି କାର୍ଯ୍ୟଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମଗୁଡ଼ିକର ଅଧିବାସୀ ମାନେ ବାୟୁପ୍ରଦୁଷଣ ଓ ଜଳପ୍ରଦୁଷଣ ହେତୁ ବିଭିନ୍ନ କ୍ୟାନସର, ଯକ୍ଷ୍ମା, ଫୁସ୍‌ଫୁସ ସଂକ୍ରମଣ ଆଦି ଦୁରା ରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଉଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ସଂପର୍କରେ ରାଜ୍ୟ ସରକାର ଖଣିଜ ପାଣ୍ଠିର ଟଙ୍କାକୁ ଖର୍ଚ୍ଚ ନକରିବା ଅତ୍ୟନ୍ତ ପରିତାପର ବିଷୟ ।

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ୍ୟ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ୁକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଲ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା ।

## ବଡ ଧରଣର ଡକାୟତ ଉଦ୍ୟମକୁ ପଣ୍ଡ କଲା ଧର୍ମଶାଳା ପୋଲିସ

# ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ଣରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଲାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଓ୍ୱା(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୁଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପିରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଳନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ୍ୟ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ଅବହେଳିତ ଆନନ୍ଦପୁର ଡାକ୍ତରଖାନା

କେନ୍ଦୁଝର:(ପି.ଏନ୍.): ପ୍ରଶାସନିକ ଅଣଦେଖା ଓ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ କ୍ଷେତ୍ରରେ ଅବେହଳିତ ହୋଇ ପଡିଛି । ଆନନ୍ଦପୁର ଅଂଚଳରେ ଜନସଂଖ୍ୟା ଓ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ବୃଦ୍ଧି ହେଉନାହିଁ । ଅନେକ ବିଭାଗରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ଦୀର୍ଘଦିନ ହେବ ପୂରଣ ହୋଇପାରୁନି । ୯ ପଦବୀରେ ଡାକ୍ତର ନଥିବା ଜଣାପଡିଛି । ଏହି ଚିକିତ୍ସାଳୟକୁ ଭଗବାନ ଭରସା ବୋଲି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ୪ଟି ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଧିବାସୀ ନିର୍ଭର କରୁଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ସ୍କାନିଂ ମେସିନ୍ ନଥିବାରୁ ପ୍ରତିଦିନ ରୋଗୀମାନେ କଟକ, ଭଦ୍ରକ, ଯାଜପୁର ଅଂଚଳକୁ ଯାଇ ଦୁର୍ଦ୍ଦଶା ଭୋଗ କରୁଥଇବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ରୋଗୀମାନେ ବିଶେଷ ଅସୁବିଧା ଭୋଗ କରୁଛନ୍ତି । କେନ୍ଦୁଝର, ମୟୁରଭ, ଯାଜପୁର ଓ ଭଦ୍ରକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରତ୍ୟେହ ୪୫୦ରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାରେ ବିଭିନ୍ନ ୱାର୍ଡରେ ରହୁଥିବା ଏକ ବେସରକାରୀ ସୂତ୍ରରୁ ଜଣାପଡିଛି । ପ୍ରାୟ ୩୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୮୫ ମସିହା ସରକାରୀ ବ୍ୟବସ୍ଥାରେ ରହି ଆସୁଥିବା ଏହି ଡାକ୍ତରଖାନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ବ୍ୟବସ୍ଥା ରହିବାର ଆବଶ୍ୟକତା ଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି । ସ୍ୱାସ୍ଥ୍ୟ ସେବା ରାଜ୍ୟ ସରକାରଙ୍କ କ୍ଷେତ୍ରରେ ବିବିଧ ଯୋଜନା ଘୋଷଣା କରାଯାଇଥିଲେ ମଧ୍ୟ ଆନୁଷଙ୍ଗିକ ମେସିନ୍ ଓ ଅପରେଟରର ବ୍ୟବସ୍ଥା ହୋଇ ନଥିବାରୁ ରୋଗୀ ମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ବିଭିନ୍ନ କ୍ଷେତ୍ରରେ ରହିଥିବା ଅଭାବ ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଗଠନ କରାଯାଇଛି । ଯେଉଁଥିରେ କୋଟି କୋଟି ଟଙ୍କାର ରାଜସ୍ୱ ଗଚ୍ଛିତ ରହିଛି । ହେଲେ ସାଧାରଣ ଲୋକଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକତା ପୂରଣ ହୋଇପାରୁ ନଥିବା ଅତ୍ୟନ୍ତ ପରିତାପର ବିଷୟ ।

# ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,(ପିଏନ)– ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି । ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାତ୍ରୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା । ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ,ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର,ହେମନ୍ତ କର,ସଂସାର ଭୋଇ,ଦୁର୍ଯ୍ୟଧନ ପଟ୍ଟନାୟକ,ସଞ୍ଜୟ ଭଞ୍ଜ,ବଳଦେବ ବେହେରା,ଅଶୋକ ସାସିନି,ନନ୍ଦକିଶୋର ଦାସ,ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି । ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

# ନୂଆ କୋବିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)– ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଗୋହିରା ପଞ୍ଚାୟତ ସ୍ତରରେ କଂଗ୍ରେସର କର୍ମୀ ସମ୍ମିଳନୀ

ଘଷିପୁରା: ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ କଂଗ୍ରେସର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପଂଚାୟତର ପୂର୍ବତନ ସଭାପତି ଧ୍ରୁବ ଚରଣ ଚକ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସବାରେ ଘଷିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ର, ପୂର୍ବତନ ବ୍ଲକ ସଭାପତି ଦିଲ୍ଲୀପ କୁମାର ଜେନା, ଯୁବନେତା ଦୈତାରୀ ମହାକୁଡ, ଜିଲ୍ଲା କଂଗ୍ରେସ ସଭାପତି ଦେବେନ୍ଦ୍ର ନାଥ ନାୟକ ପ୍ରମୁଖ ଯୋଗଦେଇ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୬ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

–ପ୍ରକାଶକ



# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक

Bhubaneswar Tuesday September 07, 2021 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୦୭,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ନୂତନ ବିଡ଼ିଓଙ୍କ ନଜର ପଡୁ ଅଚଳ ବର୍ଷାମାପକ ଓ ପାଣିପାଗ ଯନ୍ତ୍ର ଉପରେ

ଖଣ୍ଡପଡ଼ା: ଖଣ୍ଡପଡ଼ା ବ୍ଲକ୍ ପରିସରରେ ଥିବା ଭାରତୀୟ ପାଣିପାଗ ବିଭାଗର ବର୍ଷାମାପକ ଯନ୍ତ୍ର ଓ ପାଣିପାଗ ଯନ୍ତ୍ର ବର୍ଷ ବର୍ଷ ଧରି ଅଚଳ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏକଦା ବର୍ଷାର ପରିମାଣ ମାପିବା ଓ ଅଞ୍ଚଳବାସୀଙ୍କୁ ପାଣିପାଗ ସମ୍ପର୍କରେ ସୂଚନା ଦେବା ମହତ ଲକ୍ଷ ନେଇ ଉକ୍ତ ଯନ୍ତ୍ରଟି ବ୍ଲକ୍ ପରିସରରେ ସ୍ଥାପନ କରାଯାଇଥିବା ବେଳେ ତେବେ ବ୍ଲକ୍ କର୍ତ୍ତୁପକ୍ଷ ଓ ବିଭାଗୀୟ ଉଚ୍ଚ କର୍ତ୍ତୁପକ୍ଷଙ୍କ ଅଣଦେଖା ଓ ଆନ୍ତରିକତା ଅଭାବରୁ ଏହା ଅଚରାବସ୍ଥାରେ ପଡ଼ିରହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲେ ହେଁ ସରକାରକା ମାଲ ଦରିଆମେ ଡ଼ାଲ ଏହିପରି ନୀତିରେ ଚାଲିଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଦୃଷ୍ଟି ଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଉକ୍ତ ଯନ୍ତ୍ର ୪ପଟେ ତାରଜାଲି ବାଡ଼ ଦ୍ୱାରା ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇଛି। ମାତ୍ର ଅନାବନା ଗଛ ଉଠିଥିବା ଯୋଗୁଁ ଏହା ବିଷଧର ଶରୀସୃପଙ୍କ ନିମନ୍ତେ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି। ସ୍ଥାନରୁ ଲାଗିଥିବା ଫଳକରୁ ମିଳିଥିବା ସୂଚନା କ୍ରମେ ଭାରତ ସରକାରଙ୍କ ପାଣିପାଗ ବିଭାଗ ପକ୍ଷରୁ ୩୦ ବର୍ଷ ତଳେ ଯନ୍ତ୍ରାଦି ସ୍ଥାପନ କରାଯାଇଥିଲା। ତେବେ ବିଡ଼ିଓ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହାକୁ ପୁର୍ନବାର କାର୍ଯ୍ୟକ୍ଷମ କରିବା ଦିଗରେ ନୟାଗଡ଼ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବିଡ଼ିଓ ପାଣିପାଗ ବିଭାଗ ଉଚ୍ଚ କର୍ତ୍ତୁପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଦାବି କରୁଛନ୍ତି।

## ସାଧନାର ସ୍ୱରୂପ ଉନ୍ମୋଚିତ

ଚଣ୍ଡିଖୋଲ: ଆଜି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁନାଖଳା ସ୍ଥିତ ସନ୍ଥ ତୁଳସୀଦାସ ଆଶ୍ରମ ଠାରେ ମାସିକ ସମ୍ବାଦପତ୍ର ସାଧନା ସ୍ୱରୁପ ଉନ୍ମୋଚିତ ହୋଇଛି। ସତ୍ୟପ୍ରତି ସମର୍ପିତ ଏକ ଭିନ୍ନ ରୁଚିର ଖବର କାଗଜ ସାଧନା ସ୍ୱରୁପକୁ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଉନ୍ମୋଚିତ କରିଥିଲେ। ସମ୍ବାଦପତ୍ରର ସମ୍ପାଦକ ଦେବବ୍ରତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ଼ଃ ଦିନବନ୍ଧୁ ମହାରଣା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଭାଗ୍ୟଧର ସାହୁ ଯୋଗ ଦେଇ ସମ୍ବାଦପତ୍ରଟି ପାଠକମାନଙ୍କର ଆଦୃତିଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମ୍ବାଦପତ୍ରରେ ସାହିତ୍ୟ, କଳା, ସଂସ୍କୃତି, ପ୍ରର୍ଯ୍ୟଟନ, ବିଜ୍ଞାନ, ସ୍ୱାସ୍ଥ୍ୟ, ରାଜନୀତି ସମୀକ୍ଷା, ବିଶିଷ୍ଟ ବ୍ୟକ୍ତିମାନଙ୍କର ସାକ୍ଷାତକାର ରହିବା ସହିତ ସାଧାରଣ ଜନତାଙ୍କର ସ୍ୱର ସମ୍ମିଳିତ ହେବ ବୋଲି ସମ୍ପାଦକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁର୍ଯ୍ୟକାନ୍ତ ସାହୁ, ସଦାଶିବ ସାହୁ, ଭରତ ରାଉତ, ମହେନ୍ଦ୍ର ନନ୍ଦ, ସୌଭାଗ୍ୟ ରଂଜନ ସେନାପତି, ମନୋରଂଜନ ପୃଷ୍ଟି, ପବିତ୍ର ବଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମ୍ବାଦପତ୍ରଟି ବର୍ତ୍ତମାନ ପ୍ରତେକ ମାସର ୧ ତାରିଖରେ ପ୍ରକାଶ ପାଇବା ସହିତ ଆଗାମୀ ଦିନରେ ଏହା ଦୈନିକ ସମ୍ବାଦପତ୍ର ଭାବରେ ପ୍ରକାଶିତ ହେବ ବୋଲି ସମ୍ପାଦକ ଶ୍ରୀ ଦେବତା ପ୍ରକାଶ କରିଛନ୍ତି।

## ବାଇକ୍ ଧକ୍କାରେ ଜଣେ ମୃତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅଚଂଳ ଝୁମ୍ପୁରା ବଜାରରେ ସୋମବାର ଅପରାହ୍ନରେ ବାଇକ ଧକ୍କାରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ଝୁମ୍ପୁରା ବ୍ଲକ ସାହିର ମହମ୍ମଦ ଇସ୍ରାଇଲ (୫୬ବର୍ଷ) ବୋଲି ଜଣାପଡିଛି । ମହମ୍ମଦ ଇସ୍ରାଇଲ ଦର୍ଜୀକାମ କରି ନିଜର ପରିବାର ର ଗୁଜୁରାଣ ମେଣ୍ଟାଉ ଥିଲେ । ସୂଚନା ଯୋଗ୍ୟ ଯେ ସୋମବାର ଅପରାହ୍ନ ସମୟରେ ମହମ୍ମଦ ଇସ୍ରାଇଲ ଝୁମ୍ପୁରା ବଜାର ରାସ୍ତାକଡ ଏକ ଚା' ଦୋକାନ ପାଖରେ ଚା' ପିଇବା ପାଇଁ ଛିଡା ହୋଇଥିଲେ।

## ଯୁଟିଆ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ



ଫୁଲନଖରା: ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ 'ଯୁଟିଆ'ର ୨୭ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ସଂଘ ସଭାପତି ଡଃ.ଯୁଧିଷ୍ଠିର ଖଟୁଆଙ୍କ ଅଧକ୍ଷତାରେ ନଖରାଠାରେ ଅନୁଷ୍ଠିତ ହୋଇଛି। ଏହାକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅମରପ୍ରସାଦ ଶତପଥି ଉଦଘାଟନ କରିଥିଲାବେଳେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଐତିହାସିକ ତଥା ଗବେଷକ ଡଃ.ପ୍ରଫୁଲ୍ଲଚନ୍ଦ୍ର ତ୍ରିପାଠୀ ମୁଖ୍ୟ ବକ୍ତା ଓ ବିଧାୟକ ସୁଶା'କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ଶିକ୍ଷାବିତ କୁସୁମ ସାହୁ ଅତିଥି ପରିଚୟ ଓ ଅର୍ଜୁନ ପରମଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅଧାପକ, ଶିକ୍ଷକ, ପ୍ରାଧାପକ ଓ ଶିକ୍ଷାବିତଙ୍କ ସମେତ ସାମ୍ବାଦିକ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମରଣିକା 'ମହାପୁରୁଷ ବିକ୍ରମ ବର୍ମା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ପାଦକ ଡଃ.ବ୍ରଜକିଶୋର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଭିକାରି ଚରଣ ଧଳ, ସୁବାସଚନ୍ଦ୍ର ପାଢ଼ୀ, ଭାଗବତ ପ୍ରଧାନ, କମଳକୁମାରୀ ଦାଶ, ରାମଚନ୍ଦ୍ର ସାହୁ, ବିଷ୍ଣୁ ପାଢ଼ୀ, ନରେନ୍ଦ୍ର ଶତପଥି, ଡଃ.ଭାଗ୍ୟଧର ରାଉତ, ଡଃ.ପ୍ରମୋଦ ଦାସ, ଯୋଗଗୁରୁ ସାଗରିକା ଜେନା, ଆଇନଜୀବୀ କବିନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଅରୁଣକୁମାର ମହାରଣା ଧନ୍ୟବାଦ ଦେଇଥିଲେ।

## ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୃକ୍ଷ ରୋପଣ



ବାଲିଅନ୍ତା : ପବିତ୍ର ଗୁରୁ ଦିବସ ତଥା ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜନ୍ମଜୟନ୍ତୀ ଅବସରରେ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ଗ୍ରାମ ପଂଚାୟତର ସ୍ୱପ୍ନେଶ୍ୱର ମନ୍ଦିର ପାଖ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ ଭାଗ ରାସ୍ତା କଡରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଲିପାଟଣା ବନାଂଚଳ ଅଧିକାରୀ ଜୟକୃଷ୍ଣ ଯଦୁମଣି ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ଭୋଇ, ସଂଜୟ କୁମାର ପରିଡା, ସୂର୍ଯ୍ୟକାନ୍ତ ବେହେରା, ପ୍ରଶାନ୍ତ ବାରିକ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଜୟଦେବ ନିର୍ବାଚନ ମଣ୍ଡଳୀକୁ ସବୁଜ ବନାନୀ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ବୃକ୍ଷ ରୋପଣ କରିବା ଏକ ସମାଜର ମଙ୍ଗଳ କାର୍ଯ୍ୟ ଅଟେ । ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ଅତିଥିମାନେ ଭୂୟଷୀ ପ୍ରସଂଶା କରିଥିଲେ। ବର୍ତ୍ତମାନ ଘଡି ସନ୍ଧି ମୂହୁର୍ତ୍ତରେ ଅମ୍ଳଜାନର ଅଭାବକୁ ଦୂର କରିବାକୁ ହେଲେ ବହୁ ମାତ୍ରାରେ ବୃକ୍ଷ ରୋପଣର ଅବଶ୍ୟକତା ରହିଛି। ଏହାକୁ ପୂରଣ କରିବା ପାଇଁ ଏକ ଛୋଟିଆ ପ୍ରୟାଶ ଆରମ୍ଭ କରିଛି ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ସଦଶ୍ୟମାନେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟି ଗଗନ ଭୋଇ ପରିଚାଳନା କରିଥିବା ବେଳେ ତାଙ୍କୁ କାର୍ଯ୍ୟ ପରିଚାଳନାରେ ଟ୍ରଷ୍ଟି ବିଷ୍ଣୁଚରଣ ସାହୁ, ଟ୍ରଷ୍ଟି ଗୋବିନ୍ଦ ବେହେରା ଓ ଟ୍ରଷ୍ଟି ସୁବାଷ ଦାସ, ଗୋପାଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଚଣ୍ଡିଖୋଲ ଟ୍ରାଫିକରେ ଯୋଗଦେଲେ ନୂତନ ଥାନାଧିକାରୀ



ଚଣ୍ଡିଖୋଲ: ଜିଲ୍ଲାର ଏକମାତ୍ର ଟ୍ରାଫିକ ଥାନା ଚଣ୍ଡିଖୋଲ ରେ ନୂତନ ଭାବେ ହୃଦାନନ୍ଦ ବେହେରା ଯୋଗ ଦେଇଛନ୍ତି.ପୂର୍ବରୁ ଥିବା ଥାନାଧିକାରୀଙ୍କ ଜେନାପୁର ଥାନାକୁ ବଦଳି ପରେ ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ଶ୍ରୀ ବେହେରା ଏଠାରେ ଯୋଗ ଦେଇଛନ୍ତି.ସେ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ଏସପି ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ.ଦୀର୍ଘ ୨୮ ବର୍ଷର ଚାକରି ରେ ସେ ୧୫ ବର୍ଷ ଗଂଜାମ ଜିଲ୍ଲାର ବ୍ରହ୍ମପୁର ରେ ଥିଲାବେଳେବ୍ରହ୍ମପୁର ଟ୍ରାଫିକ ଥାନାର ଦାଇତ୍ୱରେ ଥିଲେ.ଚଣ୍ଡିଖୋଲ ଭଳି ଏକ ଗୁରୁତ୍ୱପୁର୍ଣ ଟ୍ରାଫିକ ଥାନାରେ ନିଜର ଦାଇତ୍ୱ ଓ ଟ୍ରାଫିକ ସମସ୍ୟାକୁ ଦୂର କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ଗୁରୁ ଦିବସ ଅବସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲିଅନ୍ତା : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାରରେ ଗୁରୁ ଦିବସରେ କାଟଂନ ଫାଉଣ୍ଡେସନ୍ ପକ୍ଷରୁ ଆୱାଡ ୨୦୨୧ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲୀ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ର, ଶିକ୍ଷା ପ୍ରତିନିଧି ନାରାୟଣ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ ,ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦୁ ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଆଶୁତୋଷ ରଥ, ତାପସ ରଞ୍ଜନ ମଲ୍ଲିକ, ସଭାପତି ରଞ୍ଜନ କୁମାର ମହାପାତ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷତ୍ରୀ ଜ୍ୟୋତି ପ୍ରଭା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୧୦ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖଣ୍ଡପଡ଼ା ପୂର୍ତ୍ତବିଭାଗ ଅଧିକାରୀଙ୍କ ଯୋଗୁଁ ୯ନଂ ୱାର୍ଡ଼ ଓ ୧୩ନଂ ୱାର୍ଡ଼ ଅସୁବିଧାରେ ଦିନ କାଟୁଛନ୍ତି

ଖଣ୍ଡପଡ଼ା: ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ପୂର୍ତ୍ତବିଭାଗ ପକ୍ଷରୁ ସିମେଣ୍ଟ କଂକ୍ରିଟ୍ ଡ୍ରେନ୍ ଦୀର୍ଘ ୪ବର୍ଷ ତଳୁ ନିର୍ମାଣ କରାଯାଇଛି। ମାତ୍ର ବିଭାଗୀୟ ଅଧିକାରୀଙ୍କୁ ହାତବାରିଶି କରି ବିଲ୍ କରିନେଇଛି ଠିକାଦାର। କିନ୍ତୁ ୯ନଂ ୱାର୍ଡ଼ ଏବଂ ୧୩ ନଂ ୱାର୍ଡ଼ ଡ୍ରେନ୍ ଉପରେ ସିମେଣ୍ଟ କଂକ୍ରିଟ୍ ସ୍ଲାବ ନଥିବାରୁ ବାରମ୍ବାର ଘଟଣ ଘଟୁଛି। ଗଭୀର ଡ୍ରେନ୍‌ରେ କେତେବେଳେ ଗାଈଗୋରୁ, ଛୋଟପିଲା ଖସିପଡୁଛନ୍ତି। ତେବେ ଅସାବଧାନତା ଯୋଗୁଁ ବୁଢାବୁଢୀରେ ଡ୍ରେନ୍‌ରେ ଖସିପଡୁଥିବା ନଜରକୁ ଆସିଛି। ଖଣ୍ଡିଆ ଖବରା ହେଉଥିବା ନଜରକୁ ଆସିଛି। ଡ୍ରେନ୍ ମଧ୍ୟରୁ ଗୃହପାଳିତ ପଶୁମାନଙ୍କୁ ବାହାରକୁ ବାହର କରିବା ନିମନ୍ତେ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀଙ୍କୁ ସମୟାନୁକ୍ରମେ ନାକେଦମ ହେବାକୁ ପଡୁଛି। ତେବେ ଖଣ୍ଡପଡ଼ା ସହର ୯ନଂ ୱାର୍ଡ଼ ଖଣ୍ଡପଡ଼ା ଥାନା କ୍ୱାଟର ସମ୍ମୁଖରେ ଓ ଉମାଦେବୀ ଉପର ସାହିରେ ଗୁଣ୍ଡିଚା ମଣ୍ଡପ ପର୍ଯ୍ୟନ୍ତ ଖୋଲା ଥିବାରୁ ଡ୍ରେନ୍‌ର ଅପରିସ୍କାର ପାଣି ଓ ଦୁର୍ଗନ୍ଧ ସୃଷ୍ଟି କରୁଛି। ଏଥିରେ ୱାର୍ଡ଼ବାସୀ ଅତିଷ୍ଟ ହୋଇପଡୁଛନ୍ତି। ତେବେ ପୂର୍ତ୍ତବିଭାଗ କର୍ତ୍ତୁପକ୍ଷ ଡ୍ରେନ୍ ଉପରେ ସ୍ଲବ୍ ପକାଇବାକୁ ସାଧାରଣରେ ଦାବି ହେଉଛି।

## ପ୍ରିନ୍ସ୍ ଫାଉଣ୍ଡେସନ୍, ସହଯୋଗର ହାତ ବଢାଇଲେ ବିରିଡ଼ିହି ଗ୍ରାମ ଅଗ୍ନିକାଣ୍ଡରେ ମୃତପରିବାରଙ୍କୁ



ଖଣ୍ଡପଡ଼ା: ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ରାଣୀପଡ଼ା ପଞ୍ଚାୟତର ବିରିଡ଼ିହି ଗ୍ରାମରେ ଗତ ୩୧ ତାରିଖରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ମୃତା ସ୍ତ୍ରୀ ଓ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ସ୍ୱାମୀ ସିଲୁଜେନାର ପରିବାରକୁ ରାଜସୁନାଖଳା ସ୍ଥିତ ପ୍ରିନ୍ସ ଫାଉଣ୍ଡେସନ୍ ସହଯୋଗର ହାତ ବଢାଇଥିବା ଜଣାଯାଇଛି। ସିଲୁ ଜେନାର ପରିବାର ଅତ୍ୟନ୍ତ ଗରୀବ ଓ ସେ ଜଣେ ପେଷାରେ ଡ୍ରାଇଭର ହୋଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଅଗ୍ନିକାଣ୍ଡରେ ତାର ପତ୍ନୀ ହରପ୍ରିୟା ମୃତ୍ୟୁବରଣ କରିବା ସହ ନିଜେ ପୋଡ଼ି ଆହତ ହୋଇ ଚିକିତ୍ସିତ ହେଉଥିବା ସମୟରେ ତାର ଦୁଇବର୍ଷର ଝିଅ ଓ ଦୁଇମାସର ଏକ ପୁତ୍ର ସନ୍ତାନକୁ ଜେଜେବାପା, ଜେଜେମାଆ ପାଳନ କରୁଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଆର୍ଥିକ ଅନାଟନ ମଧରେ ପରିବାର ଗତି କରୁଥିବା ବେଳେ ଦୁଇଟି ଶିଶୁ ଅସହାୟ ହୋଇପଡ଼ିଥିବା ଖବର ପାଇ ଖୋର୍ଦ୍ଧାଜିଲ୍ଲା ରାଜସୁନାଖଳାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରିନ୍ସ ଫାଉଣ୍ଡେସନ୍ ପକ୍ଷରୁ ସିଲୁ ଜେନାର ପରିବାର ତଥା ଦୁଇଟି ଅସହାୟ ଶିଶୁଙ୍କ ପ୍ରତିପୋଷଣ ନିମନ୍ତେ ଦୁଇମାସ ପାଇଁ ଖାଦ୍ୟ ସାମଗ୍ରୀ, ଶିଶୁ ଖାଦ୍ୟ ଆଦି ଯୋଗାଇ ଦିଆଯାଇଛି। ଫାଉଣ୍ଡେସନ୍‌ର ଅଧକ୍ଷା ଇଂ. ରୀନା ସାହୁଙ୍କ ନେତୃତ୍ୱରେ ସଦସ୍ୟ ଦିଲ୍ଲିପ କୁମାର ସାହୁ, ବିଜୟ ରଣା, ଆଶିଷ ରଞ୍ଜନ ସାହୁ, ମାନସ କୁମାର ବାରିକ, ଅଜିମ୍ ଶେଖ୍ ସୋମବାର ଅପରାହ୍ନରେ ବିରିଡ଼ିହି ଆସି ସିଲୁ ଜେନାର ପରିବାରକୁ ଭେଟି ସମବେଦନା ଜଣାଇବା ସହ ରାସନ୍ ସାମଗ୍ରୀ ଆଦି ପ୍ରଦାନ କରିଥିବା ଜଣାଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray